

Odia Daily

www.theutkalsamachar.com

ଉତ୍କଳ ସମାଗମ

ସର୍ବାଧୁନିକ ଚେତନାର ପ୍ରଖ୍ୟାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:201✦18 November 2026 (Wednesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୨୦୧✦୧୮ ନଭେମ୍ବର ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବିଶ୍ୱ ପାଇଁ ଶାନ୍ତି ଜରୁରୀ; ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ



ନୂଆଦିଲ୍ଲୀ,୧୭/୧୧: ଫିଲିପାଇନ୍ସର ମାନିଲାରେ ୨୩ତମ ଆସିଆନ-ଭାରତ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ବିଶ୍ୱ ଅନେକ ସଙ୍କଟର ସମ୍ମୁଖୀନ ହୋଇଛି ଏବଂ ଶାନ୍ତି ତଥା ସ୍ଥିରତା ଆବଶ୍ୟକ କରୁଛି । ଆମର ସହଭାଗୀତାକୁ ନୂତନ ଦିଗ ଦେବା ପାଇଁ ଆମ ପାଖରେ ଶକ୍ତି ଏବଂ ସଙ୍କଳ୍ପ ଉଭୟ ଅଛି । ସେ ଆସିଆନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ଆହ୍ୱାନ ଦେଇ କହିଛନ୍ତି ଯେ, କଭୁଥିବା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଏହି କ୍ଷେତ୍ରର ଭବିଷ୍ୟତ ପ୍ରତିଯୋଗିତା ବଦଳରେ ସହଭାଗୀତା ଦ୍ୱାରା ଗଢ଼ାଯିବା ଉଚିତ୍ । ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା ପ୍ରତିନିଧିତ୍ୱ କରୁଥିବା ଏହି କ୍ଷେତ୍ର ପାଇଁ ଶାନ୍ତି, ସ୍ଥିରତା ଏବଂ ପୂର୍ବାନୁମାନ ଅତ୍ୟନ୍ତ ଜରୁରୀ । ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତର ବିକାଶ ଏବଂ ଆସିଆନର ସମୃଦ୍ଧି ଘନିଷ୍ଠ ଭାବରେ ପରସ୍ପର ସହିତ ଜଡିତ । ଭାରତ-ଆସିଆନ ସାଙ୍ସ୍କୃତିକ ସଂସ୍କୃତି ଏବଂ ଐତିହ୍ୟ ସମେତ ପାରମ୍ପରିକ ସହଯୋଗ କ୍ଷେତ୍ରରୁ ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ମହାକାଶ ଭଳି ଉଦୀୟମାନ କ୍ଷେତ୍ରକୁ ବିସ୍ତାର କରିଛି । ୨୦୧୪ରୁ ଏପର୍ଯ୍ୟନ୍ତ ଆମେ ଲୋକ ସମ୍ପର୍କକୁ ପୁନଃବୃଦ୍ଧି କରିଛୁ । ୨୫୦ ପଦକ୍ଷେପ ନିଆଯାଇଛି । ତୁତ ପ୍ରଭାବ ପକ୍ଳଳ ଆରମ୍ଭ କରାଯାଇଛି ଏବଂ ୧୦ ହଜାରରୁ ଅଧିକ ଦକ୍ଷତା ନିର୍ମାଣ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଆଜି ଭାରତ ଏବଂ ଆସିଆନ ଦେଶଗୁଡ଼ିକ ମଧ୍ୟରେ ସିଧାସଳଖ ମାଲ ପରିବହନ ହେଉଛି ଏବଂ ପର୍ଯ୍ୟଟନ ବୃଦ୍ଧି ମଧ୍ୟ ଆମର ପ୍ରାଥମିକତା ରହିଛି । ସେ କହିଛନ୍ତି, ଭାରତ ଏବଂ ଆସିଆନ ଦେଶମାନଙ୍କର ସମଗ୍ର ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ସାମୂହିକ କ୍ଷମତା ଏବଂ ଦୃଢ଼ ସଙ୍କଳ୍ପ ରହିଛି । ଆମେ ଏକାଠି ଏହି ଅଞ୍ଚଳର ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବୁ । ଆଗାମୀ ବର୍ଷଗୁଡ଼ିକରେ ଭାରତର ବିକାଶ ଏବଂ ଆସିଆନର ସମୃଦ୍ଧି ପରସ୍ପର ସହିତ ଗଭୀର ଭାବରେ ଜଡିତ ହେବ । ଏସିଆ ଭୂମି ଏହାକୁ ବାସ୍ତବରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ଗତ ବାର ବର୍ଷ ଧରି ଆମେ ଆମର ସହଭାଗୀତାକୁ ନବୀକରଣ କରି ନୂଆ ଗତି ଦେଇଛୁ । ଏବେ ଆମକୁ ଏକାଠି ଆମ ଅଞ୍ଚଳର ବିକାଶକୁ ଏକ ନୂତନ ଦିଗଦର୍ଶନ ଦେବାକୁ ପଡିବ । ଏହି ସହଭାଗୀତାରେ, ଆସିଆନ ଦେଶଙ୍କ ଏକତା ଏବଂ କେନ୍ଦ୍ରୀକରଣ ଆଜିର ପଦକ୍ଷେପ ଆମର ବ୍ୟାପକ ରଣନୈତିକ ସହଭାଗୀତାକୁ ନୂତନ ଉଚ୍ଚତାକୁ ନେଇଯିବ । ଆସିଆନ ଏକତା ଏବଂ କେନ୍ଦ୍ରୀୟତା ପ୍ରତି ଭାରତର ପ୍ରତିବଦ୍ଧତାକୁ ବୋହରାଇ କହିଛନ୍ତି ଯେ, ଏହି ସହଭାଗୀତା ଏକ ସୁରକ୍ଷିତ ଏବଂ ଅନ୍ତର୍ଭୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଗଠନରେ ଯୋଗଦାନ ଦେବ ।

ଆନ୍ଧ୍ରପ୍ରଦେଶର ଓଏନଜିସି ଗ୍ୟାସ୍ କୂପରେ ବଡ଼ ଧରଣର ଲିକ୍:

ମ ରା ବ ତୀ , ୧୭ / ୧୧ : ଆନ୍ଧ୍ରପ୍ରଦେଶର ଡଙ୍କର ବି.ଆର. ଆମ୍ବେଦକର କୋନାସୀମା ଜିଲ୍ଲାରେ ଥିବା ଏକ ଓଏନଜିସି ଗ୍ୟାସ କୂପରେ ମଙ୍ଗଳବାର ସକାଳେ ଏକ ବଡ଼ ଧରଣର ଲିକ୍ ଘଟଣା ଘଟିଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଘଟଣାସ୍ଥଳର ଏକ କିଲୋମିଟର ପରିଧି ମଧ୍ୟରେ ରହୁଥିବା ପ୍ରାୟ ୪୦୦ ରୁ ୫୦୦ ପରିବାରର ୮ ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲା ପ୍ରଶାସନ ସ୍ଥାନାନ୍ତରିତ ହୋଇଥିବା ଲୋକଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ବ୍ୟବସ୍ଥା କରିବାର ଦାୟିତ୍ୱ ନେଇଛି । ଚଳିତ ବର୍ଷ ଜିଲ୍ଲାରେ ଏହା ଚତୁର୍ଥ ଓଏନଜିସି ଗ୍ୟାସ୍ ଲିକ୍ ଘଟଣା । ଓଏନଜିସି ଅଧିକାରୀଙ୍କ ଅନୁଯାୟୀ, ଜାତୀୟ ରାଜପଥ-୨୧୬ ନିକଟରେ ଅବସ୍ଥିତ ଗେରାଡା ଗାଁର ଗ୍ୟାସ୍ କୂପରେ ଏହି ଲିକ୍ ଘଟଣା ଘଟିଛି । ଏହାପରେ ଏହି କୂପରୁ ଗ୍ୟାସ୍ ବାହାରିବା ଆରମ୍ଭ ହୋଇଥିଲା



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜନଜାତିୟ ଗୌରବ ଦିବସ ପାଳିତ :

ଭଗବାନ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ସଂଘର୍ଷର ସ୍ମରଣ



କେନ୍ଦୁଝର,୧୭/୧୧(ନି/ପ୍ର): ମହାନ ଜନଜାତିୟ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଆଜି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୌରପାଳିକା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଜନଜାତିୟ ଗୌରବ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ, ତ୍ୟାଗ ଓ ଦେଶପ୍ରେମକୁ ସ୍ମରଣ କରିବା ସହ ଜନଜାତି ସମାଜର ଅଧିକାର, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ କହିଥିଲେ ଯେ, ଜନଜାତି ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ଅଧିକାର, ପରମ୍ପରା ଓ ସଂସ୍କୃତି ପ୍ରତି ସଚେତନ ହେବା ସହ ସ୍ୱାଭିମାନର ସହ ଜୀବନଯାପନ କରିବା ଆବଶ୍ୟକ। ଜନଜାତି ସମାଜର ଜୀବନଶୈଳୀ, ପାରମ୍ପରିକ ଜ୍ଞାନ, କୃଷି ପଦ୍ଧତି ଓ ପ୍ରକୃତି ସହ ନିବିଡ଼ ସମ୍ପର୍କ ଆମ ସମାଜ ପାଇଁ ଏକ ମୂଲ୍ୟବାନ ସମ୍ପଦ। ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶକୁ ସ୍ମରଣ କରି ସେ କହିଥିଲେ, ଜଙ୍ଗଲ ଆମ ମାଆ ସଦୃଶ। ଜଙ୍ଗଲର ସୁରକ୍ଷା କରିବା ଅର୍ଥ ଆମ ପ୍ରକୃତି ଓ ଜୀବନଧାରାକୁ ସୁରକ୍ଷିତ ରଖିବା। ତେଣୁ ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ପରିବେଶର ସନ୍ତୁଳନ ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ। ଜନଜାତି ସମାଜର ପାରମ୍ପରିକ ଜ୍ଞାନ, ସଂସ୍କୃତି ଓ ଦେଶପ୍ରତି ସମର୍ପଣ ଭାବନାକୁ ଉଚିତ ସମ୍ମାନ ଦେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ମଚ୍ଚାସୀନ ଅତିଥିମାନଙ୍କ ଜରଜମରେ 'ଜନଜାତି ଗୌରବ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନିଜସ୍ୱ ଉଦ୍ୟମରେ ଶ୍ରୀ ଜିଲ୍ଲାମିଟର କେନାଲ ଖୋଳି ଜଳସେଚନର ବ୍ୟବସ୍ଥା କରିଥିବା ପବୁଣୀ ବେତାରା ନାଏକ ଏବଂ ଭାଗମୁଣ୍ଡା ତସର ସିଲ୍କ ପାର୍କ ମାଧ୍ୟମରେ ମହିଳାମାନଙ୍କୁ ଜୀବିକା ଓ ସ୍ୱାବଲମ୍ବନର ସୁଯୋଗ ଦେଇଥିବା ଆବିବାସୀ ମହିଳା ଉଦ୍ୟୋଗୀ ଶ୍ରୀମତୀ କୁନି ବେହୁରାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପାତଣା ବିଧାୟକ ଶ୍ରୀ ଅଞ୍ଜନ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଶ୍ରୀମତୀ ମମିତା ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁସାନ୍ତୁ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ଶ୍ରୀ ସାଖୀତ କୁମାର ବେହେରା ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଅଦୁତ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାସନିକ ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ ଏବଂ ସମନ୍ୱିତ ଆବିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଶିବ ଶଙ୍କର ମିଶ୍ର ଉପସ୍ଥିତ ଥିଲେ।ଜନଜାତିୟ ଗୌରବ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ମହାରାଷ୍ଟ୍ରର ଗଡ଼ଚିରୋଲିଠାରେ ଆୟୋଜିତ ଜାତୀୟସ୍ତରୀୟ ଜନଜାତିୟ ଗୌରବ ଦିବସ ସମାରୋହରେ ନୃଆଦିଲ୍ଲୀରୁ ଭିଡିଓ କନ୍ଫରେନ୍ସିଂ ଜରିଆରେ ଯୋଡ଼ି ହୋଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଜାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଓ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ କେନ୍ଦୁଝରଠାରେ ମଧ୍ୟ କରାଯାଇଥିଲା।

ଶିକ୍ଷାର୍ଥୀ ଆରନ ଖାନ ସମ୍ବର୍ଦ୍ଧିତ



କେନ୍ଦୁଝର,୧୭/୧୧(ନି/ପ୍ର): ମହାବିଦ୍ୟାଳୟ ସିଭିଲ ଇଞ୍ଜିନିୟରିଂ ବିଭାଗ ବାର୍ଷିକ ସମାରୋହ ନିର୍ମାଣ ୪.୦ଯାଜନ ଅବସରରେ ତୃତୀୟ ବର୍ଷ ଛାତ୍ର ଆରନ ଖାନ ପିକ୍‌ଏଣ୍ଡ ସିକ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଅଧକ୍ଷ ପ୍ରଫେସର ବଳର ସରୋଜ ସତ୍ପତ୍ତୀ ଙ୍କ ଦ୍ୱାରା ମାନପତ୍ର ଓ ଅର୍ଥ ରାଶି ରେ ସମ୍ବର୍ଦ୍ଧିତ ହୋଇଛନ୍ତି, ଶ୍ରୀମାନ ଆରନ ଏକାଧାରରେ ଜଣେ ଛାତ୍ରାବିତ, ଶୃଙ୍ଖଳିତ ଛାତ୍ର ଭାବେ ଦେଶ ପରିଚିତ, ତାଙ୍କ ପିତା ଏ.ଆର .ଖାନ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ରେଡ୍‌କ୍ରସର ଯୁଗ୍ମ ସମ୍ପାଦକ ଅଟନ୍ତି,ଏ ଅବସରରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ମୋଟିଗାଁ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଯଥା ସହଭାଗୀ ବୈଠକ

ଚନ୍ଦାହାଣ୍ଡି,୧୭/୧୧ (ନି/ପ୍ର): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋଟିଗାଁ ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସରରେ ରବିବାର ଦିନ ଅଭିଭାବକ ଯଥା ସହଭାଗୀ ବୈଠକ ଏବଂ ଜନ ଜାତୀୟ ଗୌରବ ଦିବସ ବଡ ଆଡୟର ସହକାରେ ପାଳିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତିମିତାର ଚୌହାନଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିବା ବେଳେ ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବିଜେପି ନେତା ଗୋବିନ୍ଦ କୁମାର ଛେନ,ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ପଞ୍ଚିୟ ବିଜେପି ନେତା ପୁରୁଷୋତ୍ତମ ପାରି, ବରେଣ୍ୟ ଅତିଥିଭାବେ ଗମ୍ଭାରୀଗୁଡା ପଚାଂୟତର ସରପଂଚ ମଥୁରା ପୂଜାରୀ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ସମିତି ସଭ୍ୟା ସୁଶ୍ରୀ ଗୌରୀ ନେଙ୍ଗୀ ମଂଝିନ ରହିଥିଲେ ।ମୋଟିଗାଁ ସରକାରୀ ଆଶ୍ରମ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ନାଳାୟର ବାପ ଓ ଅଭିଭାବକ ପ୍ରାପ୍ତ ଶିକ୍ଷକ ନରେଶ୍ୱର ବେଶ୍ରା କାର୍ଯ୍ୟକ୍ରମରେ ସଞ୍ଚାଳିତ ଅତିଥିଭାବେ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିମନ୍ତ୍ରିତ ଅତିଥି ମାନଙ୍କୁ ବନ୍ଦାପନା କରି ମଂ ନିକଟକୁ ପାଛୋଟି ନେଇଥିଲେ ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ଜନଗୀତ ଓ ଫୁଲଚୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରେଇଥିଲେ ।ପରେ ମଚ୍ଚାସିନ ଜରେଇଥିଲେ ।ପରେ ସମସ୍ତ ଅତିଥି ମଂ ନିକଟରେ ଥିବା ବିଘ୍ନ ହର୍ତ୍ତା ଗଣନାୟକଙ୍କ ପ୍ରତିମା ନିକଟରେ ପୂଜାର୍ଚ୍ଚନା କରି ସଭାଜାର୍ଯ୍ୟକୁ ଆଗେଇ ନେଇଥିଲେ ।ମଚ୍ଚାସିନ ଅତିଥିମାନେ ସଭାପତି ବୃନ୍ଦାବନ ଗଉଡ଼, ମନୋରମା ପାତିଡା, ଶଶୁର ଶବର, ବାଳକୃଷ୍ଣ ବେହେରା, ସୁଖ୍ୟ ଆୟୋଜକ ଧନଞ୍ଜୟ ଛେବର୍ତ୍ତ ଦ୍ୱାରା ପରିଚାଳିକ ଏହି କାର୍ଯ୍ୟକ୍ରମର ପରାମର୍ଶଦାତା ହେଲେ ଶ୍ରୀ ତ୍ରିପତି ମାହାନ୍ତି, ରାଜ୍ୟ ଦକ୍ଷିଣ ବିଭାଗ ସଭାପତି, ଆବିତ୍ୟ ବାହିନୀ। ପ୍ରତିଦିନ ଭାଗବତ ପାଠ, ନାମ ସଂକୀର୍ତ୍ତନ ଓ ଘଟଂଯଜ୍ଞରେ ଗ୍ରାମବାସୀସାହ, ଆବିତ୍ୟ ବାହିନୀ ସଦସଙ୍ଗ ମଣ୍ଡଳୀ ଓ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଭକ୍ତିମୟ ପରିବେଶରେ ଆନନ୍ଦ ନେଉଛନ୍ତି।

ସାହିତ୍ୟର ନୂତନ ଦିଗନ୍ତ : ଅଧ୍ୟାପକ ଡ.କୃଷ୍ଣ ଚରଣ ବେହେରା

ଭଦ୍ରକ,୧୭/୧୧(ନି/ପ୍ର): ଅଧ୍ୟାପକ ଡ. କୃଷ୍ଣ ଚରଣ ବେହେରା ଏକାଧାରରେ ସେମିତି ଜଣେ ନିଆରା ଗାଳ୍ପିକ ଓ ପ୍ରଶାସକ ଥିଲେ । ପୁଣି ପିତା ଓ ପୁତ୍ର ଉଭୟ ସାରସ୍ୱତ ସାଧକ ତଥା ଗବେଷକ ହେବା ଏକ ବିରଳ ସଂଯୋଗ ବୋଲି କୃଷ୍ଣ ଚରଣ ବେହେରାଙ୍କ ନବମ ପୃତି ସମାରୋହରେ ମତ ପ୍ରକାଶ ପାଇଛି । ପ୍ରଫେସର୍ ଶୈଳେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟ ଓ ଜବି କିଶୋର ପାଣିଗ୍ରାହୀଙ୍କ ସଂଚାଳନାରେ ଆରମ୍ଭି ଛଳପ୍ରତି ପ୍ରେମ ନଗରରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଜବି ତଥା ଝଙ୍କାର ପତ୍ରିକାର ସଂପାଦକ ସରୋଜଝଙ୍କନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ 'ଡ. କୃଷ୍ଣ ଚରଣ ବେହେରା ସ୍ମୃତି ସମ୍ମାନ' ଗ୍ରନ୍ଥର ଜରିଥିଲେ । ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଗାଳ୍ପିକ ଦେବପ୍ରସାଦ ଦାଶ ବରେଣ୍ୟ ଅତିଥି ରୂପେ ଯୋଗ ଦେଇ ବାସ ମୁଖ୍ୟ ବକ୍ତା ଭାବରେ 'ଡ. ଶୁଭକାନ୍ତ ବେହେରା ସ୍ମୃତି ସମ୍ମାନ'ରେ ସମ୍ମାନିତ ହୋଇଥିଲେ । ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ବିଜୟା ଚନ୍ଦ୍ର ବାଶ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ । ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ଗାଳ୍ପିକ ଦେବପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । 'ପ୍ରେମ ପୁଥିବୀ'ର ସଭାପତି ପଦ୍ମିତ ପାଣିଗ୍ରାହୀଙ୍କ ଗଳ୍ପ ସମ୍ପର୍କ ଉପରେ ଗବେଷଣା କରି ନିଜତରେ ପି.ଏଚ୍.ଡି. ଲାଭକରିଥିବା ଡ. ପ୍ରାତୀଶ୍ୱତା ଦାସ ଓ ତାଙ୍କର ପ୍ରେରଣାଦାତା ଡ. ଚିତ୍ତଙ୍କନ ମିଶ୍ରଙ୍କୁ ଏ ଅବସରରେ ସଂବର୍ଦ୍ଧିତ କରାଯାଇଥିଲା ।

ଭଦ୍ରକ କାଳୀପୂଜାର ମୁଖ୍ୟ ଆକର୍ଷଣ ମେଳା ଓ ଆନ୍ତଃରାଜ୍ୟ ବାଣିଜ୍ୟିକ କାରବାର

ଭଦ୍ରକ,୧୭/୧୧(ନି/ପ୍ର): ଭଦ୍ରକର କାଳୀପୂଜା କେବଳ ଆଧ୍ୟାତ୍ମିକ ମହୋତ୍ସବ ନୁହେଁ, ସାଂସ୍କୃତାୟିକ ସଦ୍‌ଭାବନାର ଏକ ଯୋଗସୂତ୍ର। ସମସ୍ତ ଓଡ଼ିଶା ଓ ପଡୋଶୀ ରାଜ୍ୟମାନଙ୍କ ସହିତ ଏହି କାଳୀପୂଜା ବିଗତ ଶହେ ବର୍ଷରୁ ଉର୍ଦ୍ଧ୍ୱ ଧରି ସାମାଜିକ ଓ ସାଂସ୍କୃତିକ ଯୋଗସୂତ୍ର ରକ୍ଷା କରିଆସିଛି। ଏହି ପୂଜାର ବିଶେଷତ୍ୱ ହେଉଛି ଏହାର ମେଳା, ଆନ୍ତଃରାଜ୍ୟ ବାଣିଜ୍ୟିକ କାରବାର ତଥା ସାଂସ୍କୃତିକ ସାମାଜିକ ସହଦସ୍ଥାନ। ଲେଜବାର ପରିସରରେ ଅନୁଷ୍ଠିତ ହେଉଥିବା ୯ଦିନ ମୁଖ୍ୟତଃ ସ୍ମାଟଫର୍ମ ଯାହାରେ ହୋଇଥାଏ। ଏଠାରେ ରେଳ କର୍ତ୍ତୃପକ୍ଷ ନିଜର ଷ୍ଟେସନ ପରିସରଭୁକ୍ତ ଅଂଚଳକୁ ୯ଦିନ ପାଇଁ ନିଲାମ ଦେଇଥାନ୍ତି। ଦୀପାବଳି ଅମାବାସ୍ୟା ଠାରୁ ୯ଦିନ ପର୍ଯ୍ୟନ୍ତ ଚରମ୍ପା ଅଂଚଳରେ ଏହି ସାଂସ୍କୃତିକ ସମାରୋହରେ ନାଁହି ନଥିବା ଭିଡ଼ ଲାଗି ରହେ। ଅମାବାସ୍ୟାର ବୁଢାଦିନ ପରେ ଭକ୍ତଙ୍କ ଭିଡ଼ ଲାଗିରହେ। ବିଶେଷ କରି ସନ୍ଧ୍ୟା ପର ଠାରୁ ଅର୍ଦ୍ଧରାତି ପର୍ଯ୍ୟନ୍ତ ଜନସହକି ନିୟନ୍ତ୍ରଣ ବାହାରକୁ ଚାଲିଯାଏ।ତେବେ ଓଡିଶା ପ୍ରସିଦ୍ଧ ଏହି କାଳୀପୂଜାର ସମାରୋହ ତି ମୁଖ୍ୟତଃ ଏକ ବିପ୍ଳଣୀର ମେଳା। ଭଦ୍ରକ ରେଳଷ୍ଟେସନ ନିଜରେ ଏହି ଉତ୍ସବ ତି ପାଳିତ ହେଉଥିବାରୁ ରେଳପଥରେ ସୁବିଧାରେ ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀ ମାନେ ଏହି ମେଳାରେ ନିଜର ବିପ୍ଳଣୀ ଖୋଲନ୍ତି।ପଶ୍ଚିମବଙ୍ଗ, ଝାଡଖଣ୍ଡ ବିହାର ଅଂଚଳର ଜେଜେକ ବ୍ୟବସାୟୀ ବଂଶାନୁକ୍ରମିକ ଭାବେ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟ ନେଇ ଆସିଥାନ୍ତି। ଜାକୀପୂଜାରେ ଦିଅଁ ଦେଖା ହୁଏ ଜିଣାବିଦା ବି ହୁଏ ।ସାଂସ୍କୃତିକ ଚେତନା ସହ ବାଣିଜ୍ୟକ ପରମ୍ପରା ଏହି ମେଳା ସହ ଜଡିତ। ବିଶେଷକରି ବିଭିନ୍ନ ପ୍ରକାର ଘରକରଣା ଜିନିଷ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ। ସମୟ ଥିଲା ଯେଉଁ ଦୁଷ୍ପାପ୍ୟ ଭଦ୍ରକରେ ମିକୁନଥିଲା ତାହା ଲୋକମାନେ ଏହି ଯାତ୍ରାରୁ କିଣି ନେଉଥିଲେ। ଘରକରଣା ଠାରୁ ଆରମ୍ଭକରି ବିବାହ ବ୍ରତ ପର୍ଯ୍ୟନ୍ତ ଆବଶ୍ୟକୀୟ ସମସ୍ତ ଜିନିଷ ଏହି ଯାତ୍ରାରୁ କିଣା ଯାଇଥିଲା। ଶିଳ ଶିଳପୁଆ, ପେଶା, ପତିଙ୍କି, ବା ଜତା, କରେର ଖଡ଼ିକା ଭଳି ଲୁହା ଲଙ୍କଡ଼ ସହ ଠାକୁରଙ୍କ ଙ୍ଗଟି ଙ୍ଗଟା ନୋତା ଆଦି ପିତଳ ର ପୂଜା ଉପକରଣ ଓ ଙ୍ଗସା ବାସନ, ଶଙ୍ଖ ପଥର ତିଆରି ସାମଗ୍ରୀ ଏହି ମେଳା ରୁ ସହଜରେ ମିଳେ। ଏହାଛଡା ମହିଳା ମାନଙ୍କ ପାଇଁ ମନୋହାରୀ ସାମଗ୍ରୀ ର ଏକ ଜାଳୀନ ଲୟାଧାରି ମେଳାକୁ ଦେଖି ଆକର୍ଷିତ କରିଥାଏ। ଗୋଟିଏ ଜାଗାରୁ ଏତେ ସୁଡ଼ାଏ ଜିନଷ ଏକ ସାଙ୍ଗରେ କିଣିବାରେ ଗ୍ରାହକ ଆଗ୍ରହ ସହଜାରେ ଖୁସି ହେଇଥାନ୍ତି। ଏହି ଜାକୀପୂଜାର ମାହୋଲକୁ ଙ୍ଗରାଙ୍କ ଜରିଆଏ ଶିଶୁ ଓ କିଶୋରମାନଙ୍କ ମନୋଙ୍ଗଜନ ପାଇଁ ଚିଡିଆଖାନା, ଛୋଟ ଛୋଟ ସର୍କସ, ରାମଦୋଳି, ଯାନ୍ତୁ, ଉଡାଜାହାଜ, ପାଣିଜାହାଜ, ଘୋଡା ଗାଡି, ଜଳପରି ଓ ଭିନ୍ନ ଭିନ୍ନ ଅତ୍ୟାଧୁନିକ ଖେଳ ଜସରତ। ପୁଣି ଏହି ମେଳାରେ ମିଳୁଥିବା ଭିନ୍ନ ରୁଚିର ଫାଷ୍ଟଫୁଡ୍ ସହ ଜତକ ପୁରା ପୁରା, ଆଳୁବଜ୍ର ଚାର୍ଟ ଅନ୍ୟ ଏକ ଆକର୍ଷଣ। ତେବେ ଗତ କିଛିବର୍ଷ ଧରି 'ଟାଟୁ ଆର୍ଟ' ଯୁବପିଢିଙ୍କୁ ଆକୃଷ୍ଟ କରୁଥିବାରୁ ଚଳିତବର୍ଷ ଏହି ବୈଦାକାନାନଙ୍କରେ ଯୁବକ-ଯୁବତୀଙ୍କ ଭିଡ ବେଶ୍ ଦେଖିବାକୁ ମିଳିଛି। ସମୟ ବଦଳିଛି। ଗମନାଗମନ ର ସୁବିଧା ପରେ ଏବେ ଜିନ୍ସୁ ଏସବୁ ବେପାର ମାନ୍ଦା ହୋଇପଡିଛି।

ଶ୍ରୀମଦ୍ ଭାଗବତ ସପ୍ତାହ ମହାପୁରାଣ ଏବଂ ଘୃତଯଜ୍ଞ ଅନୁଷ୍ଠିତ



ଗୁଣ୍ଡୁପୁର,୧୭/୧୧ (ନି/ପ୍ର): ସାନ କୁଜେନ୍ଦ୍ରୀପୁତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ସପ୍ତାହ ମହାପୁରାଣ ଏବଂ ଘ ?ତଯଜ୍ଞ ମହା ଆଡ଼ୟରରେ ଅନୁଷ୍ଠିତ ହୋଇଛି। ଦୀର୍ଘ ୯ ବର୍ଷ ହେଲା ଏହି ଭାଗବତ ସପ୍ତାହ ଅନୁଷ୍ଠିତ ହୋଇ ଆସୁଛି। ଏହିଧାର୍ମିକ କାର୍ଯ୍ୟକ୍ରମ ୧୧/୧୧/୨୦୨୬ ଠାରୁ ଆରମ୍ଭ ହୋଇ ୧୭/୧୧/୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରବଚକ ଭାବେ ଶ୍ରୀ ବିବାକର ଦାସ ଭାଗବତ ପ୍ରବଚନ ପ୍ରଦାନ କରୁଛନ୍ତି। ପାରାୟଣ ବ୍ୟାସ ଭାବେ ନବଦ୍ୱାର ଜିଲ୍ଲାର ପାତ୍ର, ବୃନ୍ଦାବନ ଗଉଡ଼, ସିମାଚଂଳ ବେହେରା, ପ୍ରସାଦ ଗଉଡ଼, ଧନଞ୍ଜୟ ଛେବର୍ତ୍ତ, ବାଳକୃଷ୍ଣ ବେହେରା ଓ କୃଷ୍ଣ ଚନ୍ଦ୍ର ସାହୁ ପାରାୟଣ କରୁଛନ୍ତି। କାର୍ଯ୍ୟକ୍ରମର ପରିଚାଳନା କମିଟିରେ ନାଗଭୂଷଣ, ଜି. ଆନନ୍ଦ ରାଜୁ, ଜି. ମୋହନ ରାଓ, କେ. ବାଲରାଜୁ, ବି. ତିରୁପ୍ପତି, ଧନୁ ବେହେରା, ମୁନୁ ମିଶ୍ର, ଦଣ୍ଡରଥ ଶବର, ରମେଶ ଶବର, ତେତନ୍ୟ ଗମାଙ୍ଗ ପ୍ରମୁଖ ପରିଚାଳନା କରୁଛନ୍ତି। ଭାଗବତ ପ୍ରଚାର ସମିତି, ସାନ କୁଜେନ୍ଦ୍ରୀର ପରିଚାଳନା ଜରୁଛନ୍ତି।

ଶ୍ରୀ ଜଗନ୍ନାଥ ସଂସ୍କୃତିରେ ମାନବୀୟ ସଂସ୍କୃତିର ଝଲକ

ଭଦ୍ରକ, ୧୭/୧୧(ନି/ପ୍ର):ଶ୍ରୀ ଜଗନ୍ନାଥ ସଂସ୍କୃତିରେ ମାନବୀୟ ସଂସ୍କୃତିର ଝଲକ ବହୁ ପରିମାଣରେ ଦେଖିବାକୁ ମିଳେ। ଶ୍ରୀ ଜଗନ୍ନାଥଙ୍କ ପାଇଁ ଓଡ଼ିଆ ଜାତି ଓ ଓଡ଼ିଶା ବହୁ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଛି । ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ପଂଚମ ବିବସୀୟ ଉତ୍ସବାପନୀ ବିବସରେ ବକ୍ତାଗଣ ମତ ପ୍ରକାଶ କରିଥିଲେ । ଉତ୍ସବାପନୀ ବିବସରେ ଭଦ୍ରକର ଲୋକପ୍ରିୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉତ୍ସବ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଚାର ସମିତିର ମୁଖ୍ୟ ଡଃ ଭାଗିରଥି ନନ୍ଦ ଶର୍ମା ଅଧକ୍ଷତା କରିଥିଲେ । ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ସମିତିର ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ । ସହ ଆବାହକ ବାଦୁଲାଲ ବାସ ସମୁଦ୍ରା ବନ୍ଦ ନାୟକ, ମନୋରମା ରାୟ, ଜଳନା ଜେନା, ଡଃ ପ୍ରଭାସ ଚନ୍ଦ୍ର ରଥ, ଶ୍ରୀମତୀ ମିଶ୍ର ପ୍ରମୁଖ ବହୁ ବକ୍ତା ଯୋଗଦାନ କରି ନିଜ ନିଜ ମତ ପ୍ରକାଶ ରଖିଥିଲେ । ପଣ୍ଡା, ସନେଜ ଶିଅଜ, ସୁବାସ କୁମାର ବକ, ସନାତନ ସାହୁ, ଜାହୁ ଚରଣ ବାଶ, ଲକ୍ଷ୍ମୀଧର ଖଟୁଆ, ରାଜେନ୍ଦ୍ର ପ୍ରସାଦ ଅଗଷ୍ଟି, ଅରୁଣ କୁମାର ପୃଷ୍ଟି, ପୁଷ୍ପଲତା ଦାସ, ଅନୁଷ୍ଠିତ ହୋଇଥିଲା ।

ରାଜ୍ୟସ୍ତରୀୟ ସ୍କାଉଟ ଶିବିର 'ଚେତନା'ରେ ଭଦ୍ରକର ସଫଳତା

ଭଦ୍ରକ,୧୭/୧୧(ନି/ପ୍ର): ରାଉତ ସ୍କାଉଟ ଗାଇଡ଼ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ 'ଚେତନା' କାର୍ଯ୍ୟକ୍ରମ ରେ ଭଦ୍ରକ ଜିଲ୍ଲା ତରଫରୁ ଭଗବାନ ପାଣ୍ଡା ଙ୍କ ନେତୃତ୍ୱ ରେ ଭିବ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ତରଫରୁ ଶୁଭଚ୍ଛା ଜଣାଯାଇଛି । ପୁଷମ ଖାଦ୍ୟ ପ୍ରସ୍ତୁତି ପାଇଁ ଦ୍ୱିତୀୟ ସ୍ଥାନ ପାଇଥିବାରୁ ମଧୁସୁିତା ପଣ୍ଡା ଙ୍କ ନେତୃତ୍ୱ ରେ ଭୁବନେଶ୍ୱର ଠାରେ ୫ଦିନିଆଁ

ବିବିଧା



ଖଦି ଶାଢ଼ୀ ପିନ୍ଧିଲେ ଜଙ୍କନା

ଖଦି ଶାଢ଼ୀ ସାଜିବାକୁ କାହାକୁ ବା ଭଲ ନଲାଗେ। ଆଜିକାଲି ଏହା ଏକ ଫ୍ୟାସନ ବି ହୋଇଗଲାଣି। କେବଳ ସେତିକି ନୁହେଁ, ଖଦି ଶାଢ଼ୀ, ଭାରତ ଇତିହାସ ସହ ଜାଡ଼ି କେଉଁ କାଳରୁ ଜଡିତ। ଦେଖିବାକୁ ଏହା ବହୁତ ସୁନ୍ଦର କିନ୍ତୁ ତାର ମୂଲ୍ୟ ବହୁତ କମ । ଦେଶ ଛାଡ ଏବେ ବିଦେଶରେ ବି ବହୁ ମାତ୍ରରେ ବିକ୍ରି ହେଉଛି ଆମ ପ୍ରଦେଶ ନିର୍ମିତ ଖଦି ଶାଢ଼ୀ । ସାଧାରଣତଃ ଆମ ମାନଙ୍କ ମନରେ ଏକ ଭୁଲ ଧାରଣା ରହିଯାଇଛି ଯେ, ବଡ ବଡ ନେତା ମନ୍ତ୍ରୀ ହୁଅନ୍ତୁ କି ଅଭିନେତ୍ରୀ ସେମାନେ ବହୁ ମୂଲ୍ୟର ଦିଦେଶୀ ଶାଢ଼ୀ ପିନ୍ଧିଥିବେ । କିନ୍ତୁ ସେସବୁକୁ ଭ୍ରମ ପ୍ରମାଣିତ କରି ଏବେ ୧୫୦୦ ଟଙ୍କାର ଖଦି ଶାଢ଼ୀ ଜିଣି ଚର୍ଚ୍ଚାରେ ବିଜେପି ସାଂସଦ ତଥା ଅଭିନେତ୍ରୀ ଜଙ୍କନା ରନାୱତ । ଜଣାଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ବଲିଉଡର ଅନେକ ସେଲିବ୍ରେଟି ଖଦି ଶାଢ଼ୀ ପିନ୍ଧିଥିବା ଆପଣ ଦେଖିଥିବେ । ଏମିତିରେ ବି ଜଙ୍କନାଙ୍କୁ ଅନେକ ସମୟରେ ଭିନ୍ନ ଭିନ୍ନ ଷ୍ଟାଇଲିସର ଶାଢ଼ୀ ପିନ୍ଧିଥିବା ଦେଖିବାକୁ ମିଳେ। ମୁମ୍ବାଇରେ ଏକ ପ୍ରମୁଖ ଫ୍ୟାଶନ୍ ଇଭେଣ୍ଟରେ ଅଭିନେତ୍ରୀ ତଥା ବିଜେପି ସାଂସଦ ଜଙ୍କନା ରାନାୱତ ରାମ୍ପରେ ଚାଲି ଉପସ୍ଥିତ ଦର୍ଶକ ଏବଂ ଫ୍ୟାଶନ୍ ପ୍ରେମୀଙ୍କୁ ମୋହିତ କରିଥିଲେ। ବହୁତ ଦିନ ପରେ ରାମ୍ପରେ ଯାଇ ଜଙ୍କନା କାର୍ଯ୍ୟକ୍ରମକୁ ଅତି ସ୍ୱତନ୍ତ୍ର କରିଥିଲେ। ଏଥିସହ ସେ ଏକ ଆତ୍ମନିର୍ଭରଶୀଳ ଭାରତକୁ ପ୍ରୋତ୍ସାହିତ କରିବାକୁ ଯୁବପିଢ଼ିଙ୍କୁ ମଧ୍ୟ ନିବେଦନ କରିଥିଲେ।ଜଙ୍କନା ଯୁବପିଢ଼ି ଏବଂ ତାଙ୍କ ବନ୍ଧୁମାନଙ୍କୁ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, "ଆମକୁ ଆମର ସଂସ୍କୃତି ଏବଂ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଚିତ। ଖଦି ଏବଂ ଘରୋଇ ଉତ୍ପାଦଗୁଡ଼ିକୁ ଗ୍ରହଣ କରନ୍ତୁ। ମୁଁ ଆପଣଙ୍କୁ ଘରୋଇ ଶିଳ୍ପକୁ ଉତ୍ସାହିତ କରିବାକୁ ଅନୁରୋଧ କରୁଛି।" ଜଙ୍କନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିଳ୍ପାଳୁ ମଧ୍ୟ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଆମର ପ୍ରଧାନମନ୍ତ୍ରୀ କେବଳ ରାଜନୈତିକ ଦୃଷ୍ଟିରୁ ସଚେତନ ନୁହଁନ୍ତି ବରଂ ସାମାଜିକ ଦୃଷ୍ଟିରୁ ମଧ୍ୟ ସଚେତନ। ସେ ଭାରତୀୟ ଶିଳ୍ପ, ଲୋକ ଏବଂ ଏକ ଆତ୍ମନିର୍ଭରଶୀଳ ଭାରତ ବିଷୟରେ ଚିନ୍ତା କରନ୍ତି।''

ଚର୍ବି କମାଇବାର ଛଚିନ୍ଦ୍ରା



ପ୍ରତିଟି ପରିବାରେ କିଛି ନା କିଛି ଖାଦ୍ୟୀୟ ଗୁଣ ଗଚ୍ଛିତ ହୋଇ ରହିଥାଏ । ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏମିତି ହିଁ ଗୋଟିଏ ପରିବା ହେଉଛି ଛଚିନ୍ଦ୍ରା । ଯଦି ଆପଣଙ୍କ ଶରୀରରେ ୟୁରିକ୍ ଏସିଡ୍ ବଢ଼ି ପାଇଛି ତେବେ ଖାଦ୍ୟରେ କିଛିଟା ପରିବର୍ତ୍ତନ କରନ୍ତୁ । ଏହାର ସୁଫଳ ଆପଣ ନିଶ୍ଚିତ ଭାବରେ ପାଇପାରିବେ । ଖାସ୍ କରି ଖାଦ୍ୟରେ ପରିବା ସାମିଲ କରିବାକୁ ଡାକ୍ତର ମଧ୍ୟ ପରାମର୍ଶ କରିଥା'ନ୍ତି । ପ୍ରତିଟି ପରିବାରେ କିଛି ନା କିଛି ଖାଦ୍ୟୀୟ ଗୁଣ ଗଚ୍ଛିତ ହୋଇ ରହିଥାଏ । ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ ....

■ ଫାଇବରରେ ଭରପୂର ଛଚିନ୍ଦ୍ରା ଏକ ପାଣିଯୁକ୍ତ ପରିବା ହୋଇଥିବାରୁ ବୃଦ୍ଧି ହୋଇଥିବା ୟୁରିନ୍ ସ୍ତରକୁ ହ୍ରାସ କରିବାରେ ଏହା ସାହାଯ୍ୟ କରେ । ବଢୁଥିବା ୟୁରିନ୍ ସ୍ତର ହାଡ଼ରେ ପଥର ଗଠନ କରି ଗଣ୍ଠିବାତ ସୃଷ୍ଟି କରିପାରେ । ଏପରି ପରିସ୍ଥିତିରେ ପାଣି ଏବଂ ଫାଇବରରେ ଭରପୂର ଛଚିନ୍ଦ୍ରା ରକ୍ତ ୟୁରିକ୍ ଏସିଡ୍ ସ୍ତରକୁ ହ୍ରାସ କରିବାରେ ଏବଂ ଏହି ସମସ୍ୟାକୁ ରୋକିବାରେ ସାହାଯ୍ୟ କରିପାରେ ।

■ କେବଳ ୟୁରିକ୍ ଏସିଡ୍ ସ୍ତରକୁ କମାଇବାରେ ନୁହେଁ ଛଚିନ୍ଦ୍ରା କୋଷ୍ଠକାଠିନ୍ୟ ପାଇଁ ମଧ୍ୟ ରାମବାଣ ଭଳି କାମ କରେ। ଏହି ପରିବା ଫାଇବର ମେଟାବୋଲିଜିମକୁ ବୃଦ୍ଧାନ୍ୱିତ କରେ ଏବଂ ପାଚନ ଓ ଅନ୍ତନଳୀ କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଛଚିନ୍ଦ୍ରା ଖାଇବା ଦ୍ୱାରା ମଳତ୍ୟାଗ ପ୍ରକ୍ରିୟା ସହଜ ହୋଇଥାଏ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳିଥାଏ ।

■ ଫ୍ୟାଟି ଲିଭର ସମସ୍ୟା ପାଇଁ ଛଚିନ୍ଦ୍ରା ଏକ ଭଲ ଖାଦ୍ୟ । ପ୍ରକୃତରେ, ଏହା ଦୁଇଟି ଉପାୟରେ କାମ କରେ । ପ୍ରଥମତଃ, ଏହା ଆପଣଙ୍କ ଲିଭରରେ ଚର୍ବିର ପରିମାଣ ହ୍ରାସ କରେ ଏବଂ ଦ୍ୱିତୀୟରେ ଏହା ଆପଣଙ୍କ ଶରୀରରେ ବିଷାକ୍ତ ପଦାର୍ଥର ପରିମାଣ ହ୍ରାସ କରେ । ସେହିପରି, ଏହା ଲିଭର କ୍ୟାନ୍ସର ଭାବରେ ମଧ୍ୟ କାମ କରେ ଏବଂ ଆପଣଙ୍କୁ ଫ୍ୟାଟି ଲିଭର ଭଳି ଅନେକ ଲିଭର ସମ୍ବନ୍ଧୀୟ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ତେଣୁ ଆପଣ ଯଦି ଛଚିନ୍ଦ୍ରା ଖାଇବାକୁ ପସନ୍ଦ କରୁନାହାନ୍ତି ତେବେ ଆଜି ହିଁ ନିଜ ସ୍ୱାସ୍ଥ୍ୟ ପାଇଁ ଏହି ପରିବା ଖାଇବା ଆରମ୍ଭ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

ଖଦି ଶାଢ଼ୀ ପିନ୍ଧିଲେ ଜଙ୍କନା



ଫିଟ୍‌ନେସ୍‌ର ମନ୍ତ୍ର ଦେଲେ ଅଲ୍ଲୁ

ପୁଷ୍ପା' ଫେମ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ କେବଳ ତାଙ୍କର ଅଭିନୟ ପାଇଁ ନୁହେଁ, ବରଂ ତାଙ୍କର ଫିଟନେସ୍ ଏବଂ ଶାରୀରିକ ଗଠନ ପାଇଁ ମଧ୍ୟ ଜଣାଶୁଣା। ତାଙ୍କର ଷ୍ଟାଇଲ୍, ରୁଷାହ ଏବଂ ଫିଟନେସ୍ ପ୍ରଶଂସକମାନଙ୍କୁ ପାଗଳ କରିଦିଏ। ଏହା ହିଁ କାରଣ ଯେ ଅଲ୍ଲୁ ଅର୍ଜୁନଙ୍କ ଏକ ଝଲକ ଦେଖିବା ପାଇଁ ଶହ ଶହ ପ୍ରଶଂସକଙ୍କ ଭିଡ଼ ଜମା ହୋଇଯାଏ। କିନ୍ତୁ ଆପଣ ଜାଣନ୍ତି କି ତାଙ୍କର ଏହି ଅସାଧାରଣ ଶାରୀରିକ ଗଠନ ପଛରେ ରହିଛି ତାଙ୍କର କଠୋର ଡାଏଟ୍ ଏବଂ ନିୟମିତ ବ୍ୟାୟାମ? ଆସନ୍ତୁ ଜାଣିବା ତାଙ୍କର ଡାଏଟ୍ ପ୍ଲାନ୍ ବିଷୟରେ। ଅଲ୍ଲୁ ଅର୍ଜୁନଙ୍କର ଜଳଖିଆ ବହୁତ ସରଳ ଓ ସାଧାରିଆ ହେଲେ। ସେ ସକାଳେ ଅଣ୍ଡା ଖାଆନ୍ତି, ଯାହା ତାଙ୍କୁ ପୁରା ଦିନ ପାଇଁ ଶକ୍ତି ଯୋଗାଇଥାଏ। ଏକ ସାକ୍ଷାତକାରରେ ସେ କହିଥିଲେ ଯେ ଜଳଖିଆ ତାଙ୍କ ମନକୁ ସତେଜ ରଖିବା ଏବଂ ଶରୀରକୁ ସକ୍ରିୟ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ନିର୍ଦ୍ଦିଷ୍ଟ କରେ ଯେ ପୂର୍ବ ରାତିରେ ରାତ୍ରିଭୋଜନରେ ସେ କ'ଣ ଖାଇଥିଲେ। ମଧ୍ୟାହ୍ନ ଭୋଜନ ସମୟରେ ଅଲ୍ଲୁ ଅର୍ଜୁନଙ୍କ ଥାଳ ପ୍ରୋଟିନ୍ ଏବଂ ପୁଷ୍ଟିକର ଖାଦ୍ୟ ଉପରେ ରହିଥାଏ। ସେ ଗ୍ରିଲ୍ଡ୍ ଚିକେନ୍ ଖାଆନ୍ତି, ଯାହା ତାଙ୍କୁ ଲିନ୍ ପ୍ରୋଟିନ୍ ଯୋଗାଇଥାଏ ଏବଂ ମେଟାବୋଲିଜମକୁ ବୃଦ୍ଧି କରିଥାଏ।

ଏହା ସହିତ ସେ ସବୁଜ ପନିପରିବା ମଧ୍ୟ ଖାଆନ୍ତି, ଯାହା ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବରରେ ଭରପୂର। ଏହା ତାଙ୍କର ପାଚନତନ୍ତ୍ରକୁ ମଜବୁତ ରଖେ ଏବଂ ଚର୍ମକୁ ଉଜ୍ଜ୍ୱଳ କରେ। ରାତ୍ରିଭୋଜନ ସମୟରେ ଏହି ଅଭିନେତା ହାଲୁକା କିନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ପସନ୍ଦ କରନ୍ତି। ଏଥିରେ ସବୁଜ ବିନ୍, ମକା, ବ୍ରାଉନ୍ ରାଇସ୍ ଏବଂ ସାଲାଡ୍ ସାମିଲ ହୋଇଥାଏ। ଏହା ସହିତ, ବ୍ୟାୟାମ ପରେ ସେ ସ୍ୱାସ୍ଥ୍ୟକର ପାନୀୟ କିମ୍ବା ଶେକ୍ ପିଇବାକୁ ଭୁଲନ୍ତି ନାହିଁ। ଅଲ୍ଲୁ ଅର୍ଜୁନଙ୍କ ତାଙ୍କ ଫିଲ୍ମର ଚରିତ୍ର ଅନୁଯାୟୀ ଡାଏଟ୍ ଏବଂ ଶାରୀରିକ ଗଠନ ଉପରେ ଜୋର ଦେଉଛି। ସେ ନିଜେ କହିଥିଲେ ଯେ 'ପୁଷ୍ପା ୧' ଏକ ପାରିବାରିକ ମନୋରଞ୍ଜନ ଫିଲ୍ମ ଥିଲା, ତେଣୁ ସେ ଅଧିକ ମାଂସପେଶୀ ଗଠନ ଉପରେ ଧ୍ୟାନ ଦେଇନଥିଲେ। କିନ୍ତୁ 'ପୁଷ୍ପା ୨'ରେ ଅନେକ ଆକ୍ସନ୍ ଦୃଶ୍ୟ ଥିବାରୁ ସେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ଆହୁରି ଫିଟ୍ କରିଥିଲେ।

'କୁରୁକ୍ଷେତ୍ର' ପାଇଁ ଦୁର୍ଗାପ୍ରସାଦ ପୁରସ୍କୃତ



ବିଶିଷ୍ଟ ଆନିମେସନ ଓ ଶିଶୁ ମନରଞ୍ଜନ ଧାରାବାହିକ ପ୍ରସ୍ତୁତକାରୀ ଅନୁ ସିଲ୍ୱାଙ୍କ ପରିକଳ୍ପନାରେ ପ୍ରସ୍ତୁତ ହୋଇଛି ମହାଭାରତର ଆନିମେଟେଡ୍ ରୂପ। ନାମ ରଖା ଯାଇଛି କୁରୁକ୍ଷେତ୍ର। ୨ ଗୋଟି ଭାଗ ତଥା ୧୮ଟି ଅଧ୍ୟାୟରେ ନିର୍ମିତ ହେଉଥିବା ଏହି ଥ୍ରେଡ୍ ସିରିଜର ପ୍ରଥମ ଭାଗଟି ଆଜି ନେଟଫ୍ଲିକ୍ସରେ ଇଂରାଜୀ, ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ, ୱାନିସ, ପର୍ତ୍ତୁଗୀଜ, ଥାଇ ଓ ଇଣ୍ଡୋନେସିୟାନ ସମେତ ୧୦ଟି ଭାଷାରେ ରିଲିଜ ହେଉଛି। ଟିପିଙ୍ଗ ପଏଣ୍ଟ ପ୍ରଯୋଜନା ସଂସ୍ଥା ଦ୍ୱାରା ପ୍ରଯୋଜିତ ଏବଂ ହାଇଟେକ ଆନିମେସନ ଷ୍ଟୁଡିଓ ଦ୍ୱାରା ନିର୍ମିତ ଏହି ଥ୍ରେଡ୍ ସିରିଜ କୁ ଅନୁ ସିଲ୍ୱା, ଆଲୋକ ଜୈନ ଏବଂ ଅଜିତ ଅନ୍ଧାରେ ନିଜିତ ଭାବରେ ପ୍ରସ୍ତୁତ ହୋଇଥିବା ବେଳେ, ଖ୍ୟାତନାମା ବଙ୍ଗଳା ସିନେ ଜଗତର ଫିଲ୍ମ ନିର୍ମାତା କୌଶିକ ଗାଙ୍গୁଲି ଓ ଅଭିନେତ୍ରୀ ତୃଣ ଗାଙ୍গୁଲିଙ୍କ ପୁତ୍ର ଉଜାନ ଗାଙ୍গୁଲି ନିର୍ଦ୍ଦେଶନା ଦେଇଛନ୍ତି। ଉଜାନଙ୍କ ସହଯୋଗୀ ଟିମରେ ରହିଛନ୍ତି କେଜିୟୁରେ ଜିଲ୍ଲାର ଘଟଙ୍ଗା ଅଞ୍ଚଳର ଦୁର୍ଗାପ୍ରସାଦ ମଲ୍ଲିକ। ଧାରାବାହିକଟିକୁ ସଫଳ ଭାବରେ ସମାପିତ କରିବା ପାଇଁ ଓଡ଼ିଆ କାହାଣୀକାର ଦୁର୍ଗାପ୍ରସାଦଙ୍କ ସମେତ ୮ଜଣ ଯୁବ ଫିଲ୍ମ ଲେଖକ ଉଜାନଙ୍କ ଦଳରେ ଥିଲେ। କ୍ରିଏଟିଭ ମୁଖ୍ୟ ଅନୁପ ଗୁଲାଟି, ସମୀର ଯାଦବ ଓ ଗାୟତ୍ରୀ ଗୁଲାଟିଙ୍କ ତତ୍ତ୍ୱବଧାନ ରହି ଦୁର୍ଗାପ୍ରସାଦ ଧାରାବାହିକଟିରେ କାର୍ଯ୍ୟ କରିଛନ୍ତି। ଓସ୍ତାର ବିଜେତା ଗୁଲଜାରଙ୍କ ଗୀତ ଓ ଉପସ୍ଥାପନା ଧାରାବାହିକଟିକୁ ଆକର୍ଷଣୀୟ କରିଛି, ଯାହା ଟ୍ରେଲର ଦେଖି ଜାଣି ହେଉଛି। କୁରୁକ୍ଷେତ୍ରର ବିଭିନ୍ନ ଚରିତ୍ର ପାଇଁ ସ୍ୱର ଦେଇଛନ୍ତି ବିନୋଦ ଶର୍ମା, ସାହିଲ ବୈଦ, ସୌମ୍ୟା ଦାନ, ଅନ୍ୟାମୟା ଦର୍ମା, ମନୋଜ ପାଣ୍ଡେ, ହିମାଂଶୁ ରାଣା, ନେହା ଗର୍ଗଲା, କୃତାର୍ଥ ତ୍ରିବେଦୀ, ନେଶନା ବେମୁଲକର ଏବଂ ପଦ୍ମନ କାଲରା। ଚିତ୍ରଲେଖନର ଦାୟିତ୍ୱରେ ଅଛନ୍ତି ମଧୁରା ପାଟିଲ। ପୋଷାକ ରୂପସଜ୍ଜା କରିଛନ୍ତି ପୂଚିସ୍ମିତା ଦାସ ଗୁପ୍ତା। ସଂଳାପ ଲେଖିଛନ୍ତି ବିନୀତ ଗର୍ଗ। ସାମାବ ସେନ ସଙ୍ଗୀତ ଦେଇଥିବା ବେଳେ ଗ୍ରାଫିକ୍ସ ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ଘୋଷ। ନିକଟରେ କୋଲକାତାରେ ଡ଼ିଧାରା ସଲିଳନୀ ଓ ବୈଷ୍ଣବ ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦଶହରା ଉପଲକ୍ଷେ କୁରୁକ୍ଷେତ୍ରର ନିର୍ମାତା ମାନଙ୍କୁ ବିଶେଷ ଭାବରେ ସମ୍ବର୍ଦ୍ଧିତ କରିଥିଲା। ଉତ୍ସବରେ ପ୍ରଯୋଜିକା ଅନୁ ସିଲ୍ୱା ଓ ନିର୍ଦ୍ଦେଶକ ଉଜାନ ଗାଙ୍গୁଲି, ଯୋଗେଶ ଜଘ୍ୟାଲେ, ହାଇଟେକ ସ୍ତମ୍ଭର ସୁବ୍ରତ ରାୟ, ଆଶିଷ ଆପର, ଟିପିଙ୍ଗ ପଏଣ୍ଟର ମୋହନ କଙ୍ଗେରା, ଅଭିଷେକ ବଜାଜ ସମେତ ଓଡ଼ିଆ ପୁଅ ଦୁର୍ଗାପ୍ରସାଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଯୁବ ସମାଜ ଓ ଶିଶୁ ମାନଙ୍କ ମନରେ ମହାଭାରତ ପରି ମହାକାବ୍ୟ ପରି ନିର୍ମାଣ କରିଥିବାରୁ ବଜକୁ ରୁୟସୀ ପ୍ରସଂଶା କରା ଯାଇଥିଲା। ବୈଷ୍ଣବ ସମାଜ ପକ୍ଷରୁ ଅନିନ୍ଦିତା ଘୋଷ, ବିବିଧା ସରକାର ଓ ପାରୋମିତା ରାୟ କୁରୁକ୍ଷେତ୍ରର ଦଳକୁ ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରିଥିଲା ବେଳେ ଅନୁ ସିଲ୍ୱାଙ୍କ ଦଳ ପକ୍ଷରୁ ସମସ୍ତଙ୍କୁ କୁରୁକ୍ଷେତ୍ର ଥ୍ରେଡ୍ ସିରିଜର ଫ୍ରେମ୍ ପ୍ରଦାନ କରାଯାଇଥିଲା।

ଫ୍ଲପ୍ ଓ ଫ୍ଲପ୍ ଅଭିନେତ୍ରୀଙ୍କ ଫ୍ଲପ୍ ଫିଲ୍ମ ଓ ଫ୍ଲପ୍ ଅଭିନେତ୍ରୀ

ଚଳିତ ବର୍ଷ ଆରମ୍ଭରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ଘରେ ଜଣେ ଅନୁପ୍ରବେଶକାରୀ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ଛୁରାମାଡ଼ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଅନୁପ୍ରବେଶକାରୀଙ୍କ ଛୁରାମାଡ଼ ପରେ ସୈଫଙ୍କ ମେରୁଦଣ୍ଡରେ ଗଭୀରଭାବେ ଆଘାତ ଲାଗିଥିଲା। ଏହି କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଏକ ସପ୍ତାହ ଧରି ହସ୍ପିଟାଲରେ ରହିବାକୁ ପଡ଼ିଥିଲା। ଚିକିତ୍ସା ପରେ ଯେପରି ଶୈତ୍ୟରେ ସୈଫ ହସ୍ପିଟାଲରୁ ବାହାରିଥିଲେ ତାଙ୍କୁ ନେଇ ଲୋକେ ଖୁବ ଟ୍ରୋଲ କରିଥିଲେ। ଛୁରାମାଡ଼ ଘଟଣାକୁ ଏକ ଷଡଯନ୍ତ୍ର ବୋଲି କହିଥିଲେ। ସମ୍ପ୍ରତି ଏ ପ୍ରସଙ୍ଗରେ ସୈଫ୍ ମୁହଁ ଖୋଲି କହିଛନ୍ତି, 'ଚିକିତ୍ସା ପରେ ହସ୍ପିଟାଲରୁ ଛୁଟି ମିଳିବା ପରେ ମୋତେ ଚାଲିବାରେ ସାମାନ୍ୟ ଅସୁବିଧା ହେଉଥିଲା କିନ୍ତୁ ମୁଁ ଚାଲି ପାରୁଥିଲି। ହସ୍ପିଟାଲରୁ ବାହାରିବା ସମୟରେ ଅନେକଲୋକ ମୋତେ ହୁଇଲ ଚୌକିରେ ଯିବାକୁ କହିଥିଲେ। କିନ୍ତୁ ମୋ ବିବେକ ବାଧା ଦେଇଥିଲା। ମୁଁ ଜାଣିଥିଲି ଛୁରାମାଡ଼ ଘଟଣା ଖୁବିରା ପରେ ମୋର ପ୍ରଶଂସକ ଓ ଗଣମାଧ୍ୟମ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ମୋ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଯଦି ମୁଁ ଏପରି ହୁଇଲ ଚୌକିରେ ବସି ଯିବି ସେମାନେ ନିରାଶ ହୋଇଯିବେ। ମୋ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ପ୍ରକାର ଚିନ୍ତା ତାଙ୍କ ମନରେ ଘାରି ବସିବ। ତେଣୁ ମୁଁ ନାଟକ କରିବାକୁ ଚାହୁଁ ନଥିଲି। ତେଣୁ ସୁସ୍ଥ ମଣିଷ ଭଳି ହସ୍ପିଟାଲରୁ ବାହାରି ଗଣମାଧ୍ୟମ ଓ ମୋ ପ୍ରଶଂସକଙ୍କୁ ଭେଟି ଘର ଅଭିମୁଖେ ଚାଲି ଆସିଥିଲି।'



ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୮ ନଭେମ୍ବର ୨୦୨୭

ହିତକାରୀ ହେନ୍ତାଳ

ସାଧାରଣତଃ ସମୁଦ୍ର ମୁହାଣ ଙ୍କଲସ୍ତ ସ୍ଥାନର ସବୁଜିମାକୁ ହେନ୍ତାଳ ବୋଲି କୁହାଯାଇଥାଏ। ସେଠାରେ ନଦୀଗୁଡ଼ିକ ସମୁଦ୍ରରେ ମିଶନ୍ତି। ସମୁଦ୍ର ଜଳର ଲୁଣର ଓ ଜଟା ଦ୍ୱାରା ଜଳଜୀବ ଓ ଜର୍ଦମାନ୍ତ ପରିବେଶରେ ବଢୁଥିବା ସ୍ୱତନ୍ତ୍ର ଉଦ୍ଭିଦ ଗୋଷ୍ଠୀ ହେଲେ ହେନ୍ତାଳ। ସ୍ଥଳ ଓ ସାଗର ସୀମାର ଆର୍ଦ୍ର ଭୂଇଁରେ ହେନ୍ତାଳ ଜଙ୍ଗଲ ସୃଷ୍ଟି ହୋଇ ଅନନ୍ୟ ଜୈବ୍ତ୍ତିକ ବିବିଧତାର ପରିଚୟ ପାଇଲେ। ହେନ୍ତାଳ ଜାତୀୟ ଗଛବୃକ୍ଷର ବିଶେଷତ୍ୱ ହେଲା ଗାଢ଼ ଲବଣ ଜଳସିକ୍ତ ଜଳମଗ୍ନ ମାଟିରେ ଏହା ବଢ଼େ ଏବଂ ଏଭଳି ସ୍ଥଳେ ଅମ୍ଳଜାନ ଲାଗି ଏହି ଗଛର ତେର ପୁଣି ମାଟି ପୁଟେର ଉପର ମୁହାଁ ହୋଇ ଜଳ ସ୍ତର ବାହାରକୁ ବାହାରିଥାଏ। ଏହି ଗଛର ରସାଳ, ବିଜୋଡ଼ ଓ ସ୍ପଞ୍ଜ ଏଲୋତନ୍ତାରୀ ଛିଦ୍ର ଓ ଲବଣ ଗ୍ରନ୍ଥିଯୁକ୍ତ ପତ୍ର, ପରିସ୍ଥିତି ଅନୁସାରେ ଲବଣ ଓ ଜଳ ନିଷ୍କାସନ କରି, ଏହାକୁ ବଡ଼ାଂଶ ରକ୍ଷ୍ୟତା ଓ ପଲ୍ଲବିତ କରିବାରେ ସାହାଯ୍ୟ କରେ। ମଧୁର ବର୍ଷା ଜଳ ସଂଗ୍ରହ ପାଇଁ ଏହି ଗଛରେ ଥାଏ ବାୟବୀୟ ସ୍ଫୁଲନ୍ତା ତେର। ନରମ ଭୂମିରେ ଦୃଢ଼ ଭାବରେ ଛିଡ଼ା ହେବା ଲାଗି ଠେସ ତେର ଓ ବାୟୁମଣ୍ଡଳରୁ ଅମ୍ଳଜାନ ଆହରଣ କରିବା ଲାଗି ମାଟିପୁଟା ଉର୍ଦ୍ଧ୍ୱମୁଖୀ ତେର ହୋଇଛି ପ୍ରକୃତିର ପ୍ରଜ୍ଞାର ପ୍ରମାଣ। ଶତାଧିକ ପ୍ରଜାତିର ଗଛଜଡ଼ା ହେନ୍ତାଳ ପରସ୍ପରଭୁକ୍ତ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାକୁ ମୁଖ୍ୟତଃ ୪ଟି ବର୍ଗରେ ବିଭକ୍ତ କରାଯାଇଛି; ଯଥା- ପ୍ରକୃତ, ସହଯୋଗୀ, ଆବଶ୍ୟକତ ଓ ବେଳାଭୂମି ଗୁଳୁଲଭା। ବନି, ବନ୍ଦୁଆ, ଖରଖି, ସୁନ୍ଦରୀ, ବିନ୍ଦରା, ଗରଣୀ, ଘୁଆଁ, ସିନ୍ଦୁରା, ତୁତୁଣ୍ଡା, ନିପାତାଳ, ରାଇ, ଓଡୁଆ, କେରୁଆଁ, ପିଡାମାରି, ପିଡାକୋରୁଆ ଇତ୍ୟାଦି ହେଉଛନ୍ତି ପ୍ରମୁଖ ପ୍ରକୃତ ଗୋଷ୍ଠୀର। ହରଜଂଟା, ଖରଖରା, ପାଣିଆନ୍ତ, ଚିଆନି, ସିଜ୍ଜଡ଼ା, କଡିରାନର, ଗୋହିରାଙ୍ଗଟା, ରାଇଗିଡ଼ି, ବାବୁଲା, ନଜ, ନଜିଆ, କେତୁକଳା, ଶିପଜ, ଗିରିଆ ଓ ପୁରୁଣି ଇତ୍ୟାଦି ସହଯୋଗୀ ଶ୍ରେଣୀର। ଖାଷ୍ଟଖୋଜି, ଗିଲ, ନେନ୍ତେଇ, ମାଲଙ୍ଗ, ମାହି ଗୋଶିଙ୍ଗା, ବହୁମୁଗ, ବନିଆ, ବଣଲେତୁ, ଜଂସିପାଖ, ଲେଉଟି ପାଖ, ଲୁଣିଝିଅ ଓ ଲେଚକା, କିମ୍ବା ଭଳି ଗଛ 'ବ୍ୟାଜ୍? ଓ୍ୟାଟର' ବା ସମୁଦ୍ରର ଫେରୁଆ ପାଣି ପାଉଥିବା ଅଙ୍ଗରେ ଦେଖାଯାଇଥିବା ବେଳେ ଚଟାସ ବାଲୁକାରେ ଜଂସାରି ଲତା ଓ ଲୁଣି ମୁଥା ପ୍ରଭୃତି ଦେଖାଯାଆନ୍ତି। ଜାତର ବିଭିନ୍ନ ରଙ୍ଗ ହେତୁ ହେନ୍ତାଳ ଗଛର ନାମକରଣ ଧଳା, ଧୂସର, କଳା, ଲାଲ ଓ ହଳଦିଆ ଭଳି ରଖାଯାଇଛି। ବିଶ୍ୱ ବନ ସଂପଦ ଆକଳନ ୨୦୨୦ର ବିବରଣୀ ଅନୁଯାୟୀ ପୃଥିବୀର ୧୧୩ଟି ଦେଶରେ ୧.୪୭ ଲକ୍ଷ ବର୍ଗ କିଲୋମିଟର ପରିମିତ ଅଂଚଳରେ ହେନ୍ତାଳ ଜଙ୍ଗଲ ଅଛି, ଯାହା ଭୂପୃଷ୍ଠର ମାତ୍ର ୦.୧% ଓ ଏହା ବିଷୁବ ରେଖାର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ୩୦ ଡିଗ୍ରି ମଧ୍ୟରେ ମୁଖ୍ୟତଃ ସୀମତ। ଇଣ୍ଡୋନେସିଆ, ବ୍ରାଜିଲ, ନାଇଜେରିଆ, ଅଷ୍ଟ୍ରେଲିଆ, ମାଲେସିଆ ଓ ମେକ୍ସିକୋରେ ପୃଥିବୀର ଅର୍ଦ୍ଧାଧିକ ହେନ୍ତାଳ ବନ ଅଛି। ଭାରତର ବନ ସ୍ଥିତି ରିପୋର୍ଟ ୨୦୨୧ ଅନୁସାରେ ପଶ୍ଚିମବଙ୍ଗ, ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଓଡ଼ିଶା ଭଳି ନଅଟି ସମୁଦ୍ର ତଟାଞ୍ଚଳୀ ରାଜ୍ୟ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ ଡିଉ ଓ ପୁଦୁଚେରୀ ଭଳି ତିନିଟି ସମୁଦ୍ର କୂଳବର୍ତ୍ତୀ କେନ୍ଦ୍ରଶାସିତ ଅଂଚଳର ସର୍ବମୋଟ ୪,୯୯୨ ବର୍ଗ କିଲୋମିଟର ପରିମିତ ଅଚଯରରେ ହେନ୍ତାଳ ବନ ଅଛି। ଏହା ଦେଶର ଭୌଗୋଳିକ ଆୟତନର ମାତ୍ର ୦.୧୫% । ହେନ୍ତାଳ ବନର ସର୍ବାଧିକ ୪୨.୪୫% ପଶ୍ଚିମବଙ୍ଗରେ ଥିବା ବେଳେ ୨୩.୬୬% ସହିତ ଗୁଜୁରାଟ ଦ୍ୱିତୀୟ ଓ ୧୨.୩୯% ସହିତ ଆଣ୍ଡାମାନ ନିକୋବାର ଦ୍ୱିପପୁଞ୍ଜ ତୃତୀୟ ସ୍ଥାନରେ ଅଛି। ଓଡ଼ିଶାରେ ୨୫୯ ବର୍ଗକିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଅଂଚଳରେ ହେନ୍ତାଳ ବନ ଅଛି। ଏହା ଦେଶର ୫.୧% ଓ ଚାଲିକାରେ ଷଷ୍ଠ ସ୍ଥାନରେ। ବରୁଣେଇ ମୁହାଣଠାରୁ ଧାମାରା ମୁହାଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ତ୍ରାହ୍ମଣୀ ବୈତରଣୀ ତ୍ରିକୋଣଭୂମି, ବରୁଣେଇ ମୁହାଣରୁ ପାରାଦ୍ୱୀପ ମୁହାଣ ମଧ୍ୟବର୍ତୀ ମହାନଦୀ ତ୍ରିକୋଣଭୂମି, ଧାମରା ମୁହାଣ ଠାରୁ ବୁଢ଼ାମଣି ପର୍ଯ୍ୟନ୍ତ ଅଂଚଳରେ ହେନ୍ତାଳ ଜଙ୍ଗଲ ଅଛି। ଏହା ଛଡ଼ା ସୁବର୍ଣ୍ଣରେଖା ମୁହାଣ ଓ ପାରାଦ୍ୱୀପ ମୁହାଣରୁ ବେଳା ଓ ଜାଭୁଆ ମୁହାଣ ପର୍ଯ୍ୟନ୍ତ ସ୍ଥାନରେ ମଧ୍ୟ ହେନ୍ତାଳ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଧିକ ୨୦୯.୨୫ ବର୍ଗ କିଲୋମିଟର ଓ ପୁରୀରେ ସର୍ବନିମ୍ନ ୧.୧୧ ବର୍ଗ କିଲୋମିଟର ଅଂଚଳରେ ହେନ୍ତାଳବଣ ଅଛି। ଭିତରକନିକା ଅଭୟାରଣ୍ୟ ଭାରତର ଦ୍ୱିତୀୟ ସର୍ବବୃହତ୍ ହେନ୍ତାଳ ଆଚ୍ଛାଦିତ ଅଂଚଳ। ହେନ୍ତାଳ ଗଛର ଉପାବେୟତା ଅନେକ। ସମୁଦ୍ର ଗ୍ରାସନ୍ତୁ ସ୍ଥଳ ଓ ଜଳକୁ ଏହା ରକ୍ଷା କରେ। ବାତ୍ୟା ତନ୍ୟା ଭଳି ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହେନ୍ତାଳ ବନର ସୁରକ୍ଷା ପ୍ରାଚୀର ହେତୁ ହ୍ରାସ ପାଇଥାଏ। ବର୍ଦ୍ଧା ଜଳରୁ ଭାସମାନ ମୃତ୍ତିକା ଜଣିକାକୁ ଆବଦ୍ଧ କରି ଉର୍ବର ମାଟି ସ୍ତର ତିଆରି କରିଥାଏ। କ୍ରମବର୍ଦ୍ଧିଷ୍ଣୁ ଅଙ୍ଗାରର ସୁପକ୍ଷ ଶୋଷଣକାରୀ ଓ ବାର୍ତ୍ତ ଗଚ୍ଛିତକାରୀ ବୃକ୍ଷ ହେଉଛି ହେନ୍ତାଳ; କାରଣ ଅନ୍ୟ ଗଛ ତୁଳନାରେ ହେନ୍ତାଳର ଅଙ୍ଗାର ଆହରଣ କ୍ଷମତା ୫ ଗୁଣ ଅଧିକ। ନାନା ଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ଗୋଣ୍ଡା, ଶାମୁକା, ଚର୍ଚ୍ଚିଛ, ବିନ୍ଧା, ଉଛ, ପିମ୍ପୁଡ଼ି, କୁଡ଼ିଆଣି, ମାଛି ଓ ପ୍ରଜାପତି ଇତ୍ୟାଦି ଭଳି ଅମେରୁଦଣ୍ଡୀ ଜୀବ, କୁମ୍ଭୀର, ଗୋଧି ଓ ବିଭିନ୍ନ ଜାତିର ସାପଙ୍କ ଭଳି ସରୀସୃପଙ୍କ ବିଚରଣ, ପ୍ରଜନନ ଓ ଆଶ୍ରୟସ୍ଥଳୀ ହେଉଛି ହେନ୍ତାଳ ବନ। ହରିଣ, ବିରାଡ଼ି, ଭାଲୁ ଏପରିକି ମହାବଳ ବାଘର ବାସସ୍ଥାନ ମଧ୍ୟ ହେନ୍ତାଳ ବନ। ସୁନ୍ଦରବନର ବାଘଙ୍କ କଥା କିଏ ବା ନ ଜାଣେ ସେମିତି ବଗ, ବାଜେଣି, ଘଘୁଆଜ, ବଦରାହଣା, ଏରା, ସମୁଦ୍ର କୁଆ ଓ ପାଣି ଢୁବୁକି ଭଳି ପକ୍ଷୀମାନଙ୍କର ଏହା ଆବାସ। ସୁତରାଂ, ଏହାର ଜୈବବିବିଧତା ଅନନ୍ୟ। ଲୁଣିପାଣି ଓ ଜୀଟ ପ୍ରତିରୋଧକ ହେନ୍ତାଳ ଗଛର ଟାଣ ଜାଠ ସମୁଦ୍ର କୂଳିଆ ବାସସ୍ଥଳ, ଛେଟି ଓ ଡଙ୍ଗା ନିର୍ମାଣର ଶାଖା, ସୁନ୍ଦର, ସୁଲଭ ଓ ସର୍ବୋତମ ଇନ୍ଧାବାନ। କିନ୍ତୁ, ଉତ୍ତରେଉର ବିଷୟ ଯେ କୃଷି, ଚିଙ୍ଗୁଡ଼ି ଘେରି ଓ ଚାଷ, ଅପତୁଳାତଂଜର ବିକାଶ ପାଇଁ ହେନ୍ତାଳ ଜଙ୍ଗଲ କ୍ରମେ ସଂକୁଚିତ ହେବାରେ ଲାଗିଛି। ଗତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୪୦ ବର୍ଗକିଲୋମିଟର ଅଂଚଳରେ ହେନ୍ତାଳ ବଣର ପୁନରୁଦ୍ଧାର ଓ ପୁନଃ ବନୀକରଣ ଲକ୍ଷ୍ୟରେ 'ମିଷ୍ଟି' ନାମକ ଏକ ୫ବର୍ଷିଆ ଯୋଜନାର ଶୁଭାରମ୍ଭ କରାଯାଇଛି। ହେନ୍ତାଳ ମହୋତ୍ସବ କରିଆରେ ଆମ ରାଜ୍ୟ ପକ୍ଷରୁ ସଚେତନତା ସୃଷ୍ଟି ଓ ବନୀକରଣ ପାଇଁ ଜମି ଦେଉଥିବା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ୩.୭୦ ଲୋଟି ଟଙ୍କାର ।

ସାମାନ୍ୟ କଥନ : ଚମ୍ପା ଓରଫ ଚୋରଣୀର କଥା

ପ୍ରୀତୀଶ ଆଚାର୍ଯ୍ୟ

ମୋ ପିଲାବେଳେ ଗୁହାଳରେ ଥିଲେ ଅନେକ ଗୋରୁ। ବୃତୀୟ ଶ୍ରେଣୀକୁ ଯାଇଥାଏ, ବାପା ମତେ ନୂଆ କରି ଏକ ଦାୟିତ୍ୱ ଦେଲେ- 'ସନ୍ଧ୍ୟାରେ ଗାଈ-ଗୋରୁ ସବୁ ଗୁହାଳରେ ବନ୍ଧା ହେଲେ ନା ନାହିଁ ଦେଖିବୁ।' ଗୋରୁଙ୍କ ମଧ୍ୟରେ ଥିଲେ ଲେଦୋଟି ଗାଈ, ବଳଦ, ବାଛୁରୀ, ବୁଢ଼ାହଡ଼ା ଓ ବୁଢୀ କ୍ଷୀର ଦେଉ ନ ଥିବା ଗାଈ। ଜାମତି ବିରକ୍ତିକର ନିଷ୍ପତ୍ତି; ସାଙ୍ଗମାନଙ୍କ ସହିତ ଖେଳ ଛାଡ଼ି ମୋତେ ଏଥି ପାଇଁ ଆଗରୁ ଘରକୁ ଫେରିବାକୁ ପଡ଼େ। ହେଲେ, କିଛି ଦିନ ପରେ ଅଭ୍ୟାସରେ ପଡ଼ିଗଲି। ଭାଡ଼ିରୁ ଅଳ୍ପ ପୁଆଳ ଜାଡ଼ି ବେଉପାରିଲେ ଖୁସି ଲାଗେ। ବାପା ପ୍ରତ୍ୟେକ ଗାଈ-ଗୋରୁର ସୁନ୍ଦର ନାଁମାନ ରଖିଥାନ୍ତି- 'ଜମଲା', 'ମେଘା', 'ବାବଲା', 'ରତନ' ଆଦି। ତାଙ୍କ ମତରେ ଆଳେବାଳେ ନାଁରେ ଡାକିବା ଭୁଆଡ଼େ ଗାଈଙ୍କ ପ୍ରତି ଅପମାନ ! ବାପାଙ୍କ ପଛରେ ଯଦିଓ ଆମ ଘରର ବାଜିମାନେ ବେଳେ ବେଳେ ସେହି ନାଁର ପରିହାସ କରନ୍ତି। ଏଣିକି ମୁଁ ବି ସେମାନଙ୍କୁ ନାଁ ଧରି ଡାକେ; ସେମାନେ ଶୁଣନ୍ତି; ଏଥିରୁ ନିଜ ବୟସ ତୁଳନାରେ ବିକିଏ ଅଧିକ 'ବଡ଼' ହେବାର ଏକ ଆତ୍ମତୋଷ ମିଳେ। ପରିବର୍ତ୍ତ ବଢ଼ିଲାରୁ ଗାଈ-ଗୋରୁଙ୍କୁ କୁଦ୍ଧା-ଡୋରାଣି ଦେବାରେ ଆଗ୍ରହ ମଧ୍ୟ ଜନ୍ମିଲା। ହେଲେ, ଏଥିପାଇଁ ମତେ ଛୁଟିଦିନ ଯାଏଁ ଅପେକ୍ଷା କରିବାକୁ ପଡ଼େ। ବାପା କହନ୍ତି, 'ସ୍କୁଲ ଆଗ। ତାକୁ ଛାଡ଼ି ଡୋର ଗାଈଙ୍କ ଜାମରେ ଲାଗିବା କଥା ନୁହେଁ।' ଛୁଟିଦିନରେ ମୁଁ ଏହି ଜାମରେ ତାଙ୍କ ସାଙ୍ଗରେ ରହେ, କେବେ କିଛି ସାହାଯ୍ୟ କରିପାରିଲେ, ଖୁସି ଲାଗେ। ବାପା ଉତ୍ସାହ ଦେଉ ଦେଇନ୍ତି, ତୁ ପାଖରେ ଥିଲେ, ଗାଈ ଅଧିକ ଖୁସିରେ ଆହାର ନିଅନ୍ତି ! ଗାଈଙ୍କୁ ଭୋଜନ ପରଷିଲା ବେଳେ ଗୁହାଳର ଗୋଟାଏ ନିୟମ ମୋତେ ଆଦୌ ପସନ୍ଦ ଲାଗେ ନାହିଁ। ମନ ଭରି ଖାଇବା ବାବଦରେ ହଡ଼ା ବଳଦ ଓ ବୃଦ୍ଧା ଗାଈ ପ୍ରତି ନିୟମିତ ଉପେକ୍ଷା ହୁଏ ! ତା'ର ଜାଉଣ କୁଆଡ଼େ ସେମାନେ ଅପାରଗ ! ଏହାର ବଦ୍ଧ ଶିକାର ହୁଏ ଗୁହାଳର ବୟୋଜ୍ୟେଷ୍ଠା ଗାଈ। ଏମିତିରେ ସେ ସବାକୁ ଚରିବାକୁ ଗଲାବେଳେ ଏତେ ଅଳସେର ଚାଲେ ଯେ ସେ ପଛଦିଲା ବେଳକୁ ଆଉମାନେ ଅଧା ପେଟ ଲେଖା ଚରି ସାରିଥାନ୍ତି। ଏଣେ, ଗୁହାଳରେ ତା' ପ୍ରତି ପକ୍ଷପାତ ଜରାଯାଏ। ବାପା ଡାକନ୍ତି ତାକୁ 'ମେଘା', ହେଲେ ବାକିମାନେ କହନ୍ତି- 'ବୁଢ଼ା'। ମୋତେ ଲାଗେ ସେ ଜନ୍ମରୁ ବୃଦ୍ଧା। ପରେ ଜାଣିଲି ଯେ ଦିନେ ସେ ବି ଯୁବତୀ ଥିଲା ; ଗୁହାଳର ଅଧାରୁ ଅଧିକ ଗାଈ-ବଳଦ ତା' ପୁଅ-ଝିଅ; ବାଛୁରୀମାନେ ନାତି-ନାଡୁଣୀ। ମେଘାର ଗୋଟାଏ ଝିଅ ଥିଲା, ବାପାଙ୍କ ଅଭିଧାନରେ ତା' ନାଁ ଚମ୍ପା। ସେ ତା' ମା' 'ବୁଢ଼ୀ' ଠାରୁ ମଧ୍ୟ ଅଧିକ ପକ୍ଷପାତର ଶିକାର ହୁଏ, କାରଣ ସେ ଆଦୌ ଝୁଆ ଜନ୍ମୁ କରି ନ ଥିଲା। ମୋର ଧାରଣା, ମା' ପ୍ରତି ହେଉଥିବା ପକ୍ଷପାତର ପ୍ରତିବାଦରେ ସେ ମା' ହେବାକୁ ମନା କରିଦେଇଥିଲା ! ବଳଦ ହୋଇଥିଲେ ବା ଯୋଡା ଯାଇଥାନ୍ତା। ଉଭୟ ଗର୍ଭଣ ଆଉ ଆତରଣରେ ସେ ତା' ମା'ଠାରୁ ପୂରା ଅଲଗା; ବେଶ ହୃଷ୍ଟପୁଷ୍ଟ, ଫୁର୍ତ୍ତିଲା; ପ୍ରାୟ ପ୍ରତି ଦିନ ସେ ଗୋଠକୁ ଚମ୍ପା ଦେଇ ଅନ୍ୟର ବିଲକୁ ଆହାର ପାଇଁ ପଶିଯାଏ। ଏଥିପାଇଁ ଗାଁରେ ତା' ଡାକ ନାଁ; 'ଚୁଷ୍ଟା', 'ଚୁର୍ଣ୍ଣି' ଅର୍ଥାତ୍ ଚୋରଣୀ ! ତା' କଥା ପଡ଼ିଲେ, ବାପାଙ୍କ ଦିଆ ନାଁ 'ଚମ୍ପା'କୁ କେହି ସୁଦ୍ଧାଣକୁ ସୁଦ୍ଧା ଆଣନ୍ତି ନାହିଁ। 'ଚୋରଣୀ' ନାଁରେ ସମ୍ବୋଧନ ଜଳେ ସେ ତାକୁ ଅଶୁଣା ମଧ୍ୟ ଜରେନାହିଁ। ନିଜ ପେଟ ଭରିବା ଚିନ୍ତାରେ ସେ ଏତେ ନିମଗ୍ନ ଯେ 'ନାଁ'କୁ ନେଇ ଅଭିଯୋଗ ପାଇଁ ତା' ପାଖରେ ସମୟ ନାହିଁ ! ଚୋରଣୀ ଚମ୍ପାର 'ସରଜାନା' ଦିନକୁ ଦିନ ବଢ଼ିବାରେ ଲାଗିଲା। ତା' ହୃଷ୍ଟପୁଷ୍ଟ ଚେହେରା ଦେଖି ଲୋକ ତା' ପିଠିରେ ଶକ୍ତ କରି ପାହାର ବସାନ୍ତି। କେହିକେହି ବାପାଙ୍କୁ ଅପମାନ ଦେବା ଲକ୍ଷ୍ୟରେ କହନ୍ତି, ''କାଞ୍ଚ ଗାଈଟିକୁ ଆୟନ କରିପାରୁନ ଯବି, 'ଜାଞ୍ଜି ହାଉସ' ପଠାର ଦେଇନ !'' କାହା ବାପ୍ତିରେ ସେ ନ ପଶିଛି; କାହାଠାରୁ ସେ ପାହାର ନ ପାଇଛି ! ବଡ଼ ହୋଇଥିଲେ ମୁଁ ବି ହୁଏତ ତା' ଉପରେ ରାଗିଥାନ୍ତି, ହେଲେ ସେହି ସାନ ବୟସରେ ତା' ଉପରେ ରାଗ ମାଡ଼େନା; ବଙ୍ଗ ଲୁତେର ଲୁତେର କିଛି କୁଣ୍ଡା-ଡୋରାଣି ତା' ଖାଇବା କୁଣ୍ଡରେ ଜାଳିଦିଏ। ପ୍ରତିବାଦରେ ସେ ମଧ୍ୟ ସ୍ନେହ ଫେରାଇବାରେ କେବେ କାର୍ପଣ୍ୟ କରେନା। ତା' ପାଖକୁ ଗଲେ ଆଖିରେ ହେବା। ସନ୍ଧ୍ୟାରେ ସମସ୍ତ ଗାଈଙ୍କୁ କିଛି କିଛି ଘାସ, କୋହିଲେ ପୁଆଳ ବଟାଯାଇଥାଏ। ଡୋରଣୀ ଏଥିରୁ ବାଦ ପଡ଼େ ଅଥବା ଜାଣୀ ଭାଗ ପାଏ। କିନ୍ତୁ, ଗଣିବା ପାଇଁ ମୋର ଗୁହାଳରେ ପହଞ୍ଚିଲା ବେଳକୁ ସେ ନିଶ୍ଚୟ ବେଳକୁ ପରା ଫିଟେଇ ଆଉ କାହା ଭାଗର ପୁଆଳ ଖାଇସାରି ! ପରା ଦେବାକୁ ଗଲେ ମୁଣ୍ଡ ହଲାଇ ମତେ ଦୂର-ଦୂରେଇ ଦେବ। ଏଥି ଲାଗି ଏକାଧିକ ଥର ଅଗତ୍ୟା ବାପାଙ୍କୁ ଡାକିବାକୁ ପଡ଼େ। ହେଲେ ପରିବେଷ୍ଟ କରିବା ପରେ ଏଣିକି ସେ ମତେ ଦେଖି ନିଜେ ନିଜେ ଚାଲିଆସେ। ମୁଣ୍ଡ ଡଳକୁ ଜରିବିଏ। ନିଜ କୃତକର୍ମ ଲାଗି ଜ'ଣ ସେ ଲଜ୍ଜିତ ! ନା, ପଘା ଦେବା ମୋ ଲାଗି ସହଜ ହେବ ବୋଲି ! ମୋତେ ଖୁବ୍ ଆଶାରେ ଅନାଏ; ଜହେ, ଆଉ ଅଳ୍ପ ପୁଆଳ ଦିଅ ! ତା'ର ପକ୍ଷ ନେଇ ମୁଁ ଜେତେ ଜ'ଣ ଭାବେ- ସେ ସନ୍ତାନ-ସନ୍ତବା ନ ହେବାରେ ତା'ର ଭୁଲ୍ କେଉଁଠି ? ତା' ମା' ପ୍ରତି ପକ୍ଷପାତର ଯବିବା ସେ ପ୍ରତିବାଦ କରିଥିବ, ସେତକ ଅଧିକାର ତ' ଦେଇ ନାହିଁ ? ଗାଈ ବୋଲି ନାକୁ ଯବି ଯୋଡା ନ ଯାଏ, ସେଥି ପାଇଁ ତ' ସେ ଦୋଷୀ ? ଖାଦ୍ୟ ପାଇବାରେ ନିରନ୍ତର ପକ୍ଷପାତର ଶିକାର ହେଲେ, ନିଜ ସାମର୍ଥ୍ୟରେ ଆହାର ଯୋଗାଡ଼ ସେ କରିବ କେମିତି ? ଭାଷା ବୋଲିଲେ ତା' ଠାରେ କେବଳ 'ହମ୍ବା' ଚଡ଼ି; ନୋହିଲେ କେତେତ' ଶ ସେ କହିପାଆନ୍ତା ! ମୁଁ ଯେଉଁ କଥାଗୁଡ଼ା ତା' ସପକ୍ଷରେ ଭାବେ, ତା'ଠାରୁ ଅଧିକ ସ୍ପଷ୍ଟ ଓ ଶାଣିତ ଶବ୍ଦରେ ! ଏମିତି ହୋଇ ଚମ୍ପା ଦିନେ ସବାକେ ଗୁହାଳକୁ ଚରିବାକୁ ଗଲା ଯେ ଆଉ ଫେରିଲା ନାହିଁ। କିଏ କହିଲା, ଚୋରଣୀ ଜାଞ୍ଜି ହାଉସରେ ପଡ଼ିଯାଇଥିବ, ହେଲେ ମୋର ବିଶ୍ୱାସ ସେ ପ୍ରତିବାଦ କରି ଚାଲିଗଲା। ମୋର ମନ କଥାକୁ ସେ ବୋଧହୁଏ ପଢ଼ି ନେଲା ! ତାକୁ କେହି ଆଦର ବି ଡ କରୁ ନ ଥିଲେ। ଜେବଳ ମୋର ଆଦର ଟିକେରେ ସେ ଜେତେ ବା ହତହଟା, ଅପମାନ ସହୁଛା ? ସେ ଏମିତି ଚାଲିଗଲା ପରେ ମୋର ମନ ଦୁଖ ହେଲା, ହେଲେ ଏଣିକି ସେ ଆଉ କାହାରି ଆଚ୍ଚତରେ ରହିବନି, ନୂଆ ବସତିରେ ପେଟ ଭରି ଖାଇବ, ହତହଟା ହେବନି- ଏହି ଆଶାରେ ଖୁସି ମଧ୍ୟ ଲାଗିଲା।

ପିଲାଙ୍କ ପାଠ୍ୟପୁସ୍ତକ କେମିତି ହେବ

ଗାନ୍ଧୀଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା, "ବାପୁ, 'ଶିକ୍ଷା ଏକ ଜ୍ଞାନ ଯାହା ମୁକ୍ତି ଦିଏ', ଶିକ୍ଷାର ଏ ସଂଜ୍ଞାକୁ ଆପଣ କେମିତି ଅର୍ଥ କରନ୍ତି ?'' ଗାନ୍ଧୀଙ୍କ ଉତର ଥିଲା, "ମୋ ମତରେ ଜ୍ଞାନ ଏଠି ଅଧ୍ୟାତ୍ମିକ ଜ୍ଞାନ ନୁହେଁ, କିମ୍ବା ମୁକ୍ତି ଏଠି ମୋକ୍ଷ ବା ନିର୍ବାଣ ନୁହେଁ। ଯେଉଁ ଶିକ୍ଷା ବଳିବା ପାଇଁ ପ୍ରଶିକ୍ଷଣ ଦେଉଥାଏ ଏବଂ ଭୋଜ, ଭୟ ଓ ଅନ୍ଧବିଶ୍ୱାସର ଦାସତ୍ୱରୁ ମୁକ୍ତି ଦେଇ ସ୍ୱାବଲମ୍ବୀ ଓ ସଶକ୍ତ କରିଥାଏ, ତାହା ହିଁ ପ୍ରକୃତ ଶିକ୍ଷା, ପ୍ରକୃତ ଜ୍ଞାନ ଓ ମୁକ୍ତି। ଏହି ପ୍ରଶିକ୍ଷଣ କିନ୍ତୁ ପ୍ରାଥମିକ ଶିକ୍ଷାରୁ ଆରମ୍ଭ ହେବା ଦରକାର, କାରଣ ପ୍ରାଥମିକ ଶିକ୍ଷା ହେଉଛି ଶିକ୍ଷାର ମୂଳଭିତ୍ତି।'' ୧୯୩୩ ଡିସେମ୍ବର ୧ ତାରିଖ 'ହରିଜନ' ପତ୍ରିକାରେ ସ୍କୁଲ ବହି ଓ ସ୍କୁଲ ପାଠ୍ୟକ୍ରମ ଉପରେ ଗାନ୍ଧୀଜୀ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲେ। ସେଥିରେ ସେ ଲେଖିଛନ୍ତି, "ମୁଁ ଆମ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପିଲାଏ ପଢୁଥିବା ବହି ଦେଖିଛି। ୧୮୩୦ ଦଶନ୍ଧରେ ଭାରତ ଶିକ୍ଷା ନୀତିରେ ମାକ୍ଲେ ଆରମ୍ଭ କରିଥିବା ଶିକ୍ଷା ଦର୍ଶନରୁ ଆମେ ମୁକ୍ତ ହୋଇ ପାରିନାହୁଁ। ଆମ ସ୍କୁଲ ବହିର ଅଧିକାଂଶ ଅଧ୍ୟାୟ କ୍ଷତିକାରକ ନ ହେଲେ ବି ଅତରକାରୀ। ଅନେକ ପାଠ ଅତୁକରଣ କରି ଲେଖାଯାଇଛି। ଛୋଟ ପିଲାଙ୍କ ପାଇଁ ହକମ କଲାପରି ଏ ପାଠ ନୁହେଁ। ଅବଶ୍ୟ ଲେଖକମାନେ ଖୁବ୍ ଚତୁରତାର ସହ ବିଷୟ ଚୟନ କରି ଏବଂ ନିଜର ସାମାଜିକ ସ୍ଥିତି ଓ ବୌଦ୍ଧିକତାକୁ ଆଧାର କରି ବହି ଲେଖିଛନ୍ତି। ସମାଜର ସବୁ ଶ୍ରେଣୀର ପିଲାକୁ ଖାପ ଖାଇବା ପରି ସୂଚନା ଏଥିରେ ନାହିଁ। ସରକାରୀ ପ୍ରାଥମିକ ସ୍କୁଲରେ ଗାଁ ଗହଳିର ପିଲା ବେଶି ପଢ଼ନ୍ତି। ସେମାନଙ୍କର ପାରିବାରିକ ତଥା ଶୈକ୍ଷିକ ପରିବେଶ ଏବଂ ବୌଦ୍ଧିକ ସ୍ତର (ଆଇକ୍ୟୁ) ପ୍ରତି ଲେଖକମାନେ ନଜର ରଖୁ ନାହାନ୍ତି। ଅନେକ ଅବଧ୍ୟରେ ବୌଦ୍ଧିକତାପୂର୍ଣ୍ଣ ପାଠ୍ୟକ୍ରମ ପିଲାଙ୍କ ମୌଳିକତାକୁ ନଷ୍ଟ କରିଦେଉଛି। ପିଲାଏ ଦ୍ୱନ୍ଦ୍ୱରେ ରହୁଛନ୍ତି। ପାଠ ବହିଗୁଡ଼ିକ ଓଜନିଆ ଲାଗୁଛି। କିଛି ପାଠ ଅବୈଜ୍ଞାନିକ ଲାଗୁଛି।'' ଆହୁରି ପଢ଼ନ୍ତୁ- ଝଙ୍କଭରା ଶରତ୍ପଷ୍ପର ୨୦୨୬: ମନଲୋଭା ପୁନାବେଶ; ଭକ୍ତଙ୍କୁ ଦର୍ଶନ ଦେବେ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ମହାପ୍ରଭୁ;





ତବଲାକଟା ଟୋଲ୍ ଗେଟକୁ ନେଇ ବଢିଲା ଜନ ଅସନ୍ତୋଷ :

ଦେୟମୁକ୍ତ ଦାବିରେ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୧୭/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମଜଜିରା ବ୍ଲକ ଭୋଜପୁର ନିକଟସ୍ଥ ତବଲାକଟା ଟୋଲ୍ ଗେଟ୍ ଆରମ୍ଭ ହେବା ଦିନ ଠାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଗାଡ଼ିଗୁଡ଼ିକୁ ମଧ୍ୟ ଟୋଲ୍ ଗେଟ୍ ଦେୟ ନେଉଥିବା ଯୋଗୁଁ ଲୋକେ ଅସନ୍ତୋଷ ଝାଡିଥିଲେ । ଟୋଲ ମୁକ୍ତ କରିବା ସହ ଆଖପାଖ ୨୦ କିଲୋମିଟର ପରିଧିର ଯାନବାହନକୁ ଟୋଲ୍ ଆଦାୟରୁ ଛାଡ଼ ଦେବା ଦାବିରେ ଆଜି ଶତାଧିକ ଅଂଚଳବାସୀ ଟୋଲ୍ ଗେଟ୍ ଘେରାଉ କରି ଧାରଣା ଦେଇ ବୃହତ ପ୍ରତିବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଜମଜଜିରା ବ୍ଲକର ତବଲାକଟା ନିଜଟରେ ଦୀର୍ଘ ପ୍ରାୟ ପାଂଚ ବର୍ଷ ହେଲା ଟୋଲ୍ ଗେଟ୍ ନିର୍ମାଣ କାର୍ଯ୍ୟ ଚାଲିଛି । କୁଚିଣ୍ଡାରୁ ଦେବଗଡ଼ ରାସ୍ତାରେ ପୂର୍ବରୁ ଟୋଲ୍ ଗେଟ୍ ବ୍ୟବସ୍ଥା ନଥିବା ବେଳେ ଗତ ଶୁକ୍ରବାର ବିଭାଗୀୟ ଅଧିକାରୀ ଓ ଜେଡେକ ସ୍ଥାନୀୟ ରାଜନେତାଙ୍କ ଉପସ୍ଥିତିରେ ଟୋଲ୍ ଆଦାୟ ଆରମ୍ଭ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଟୋଲ୍ ଗେଟ୍ ଆରମ୍ଭ ପୂର୍ବରୁ ସ୍ଥାନୀୟ ଅଂଚଳବାସୀଙ୍କ ସହ କୌଣସି ଆଲୋଚନା କିମ୍ବା ବିଚାରବିମର୍ଶ କରାଯାଇନଥିବା ଅଭିଯୋଗ ଆନ୍ଦୋଳନକୁ ଅଧିକ ତୀବ୍ର କରିଛି। ଏହି ରାସ୍ତା ବେଇ ସ୍ଥାନୀୟ ଲୋକଙ୍କୁ ବୈନନ୍ଦିନ କାର୍ଯ୍ୟ ପାଇଁ ଦିନକୁ ବୁଲରୁ ତିନିଥର ଯାତାୟାତ କରିବାକୁ ପଡୁଥିବାରୁ ବାରମ୍ବାର ଟୋଲ୍ ଦେୟ ପ୍ରଦାନ କରିବା ସେମାନଙ୍କ ପାଇଁ ଆର୍ଥିକ ବୋଝ ହେବ ବୋଲି ଅଂଚଳବାସୀ କହିଛନ୍ତି। ଭୋଜପୁରର ସୁବ୍ରତ ପଟ୍ଟେଇ କହିଛନ୍ତି ଯେ, ଗତ ଶୁକ୍ରବାର ଟୋଲ୍ ଗେଟ୍ ଉଦ୍ଘାଟନ ସମୟରେ ଏହି ଅଂଚଳର କିଛି ବ୍ୟକ୍ତି ଟୋଲ୍ ଗେଟ୍ ଆରମ୍ଭ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ଅବଗତ କରିବା ସହ ଆଲୋଚନା କରିବାକୁ ଅନୁରୋଧ କରିଥିଲେ। ମାତ୍ର ଏହାକୁ ଗୁରୁତ୍ୱ ନଦେଇ ବିଭାଗ ନିଜ ମନମାନିରେ ଟୋଲ୍ ଆଦାୟ ଆରମ୍ଭ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଦାବି ଅନୁଯାୟୀ, ଟୋଲ୍ ଗେଟ୍ ଆଖପାଖ ୨୦ କିଲୋମିଟର ପରିଧିରେ ଥିବା ଅଂଚଳର ଯାନବାହନକୁ ଟୋଲ୍ ଦେୟମୁକ୍ତ କରାଯାଉ। ଏଥିସହ କୁଚିଣ୍ଡା ଉପଖଣ୍ଡର ସମସ୍ତ ଅଂଚଳବାସୀଙ୍କୁ ନେଇ ବିଭାଗ ପକ୍ଷରୁ ଏକ ଆଲୋଚନା ସଭା ଆୟୋଜନ କରାଯାଉ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଧାରଣାରେ ବିଭିନ୍ନ ଅଂଚଳର ଜନପ୍ରତିନିଧି ଓ ସମାଜସେବୀ ଏହି ପ୍ରତିବାଦରେ ଡିମିରିମୁଣ୍ଡା ସରପଂଚ ପ୍ରହ୍ଲାଦ ଧୁରୁଆ, କୁଚିଣ୍ଡାର ପୂର୍ବତନ ବିଧାୟକ କିଶୋର ନାଏକ, ସୁବର୍ଣ୍ଣପାଳିର ପୂର୍ବତନ ସରପଂଚ ଲିଟନ ବିଷ୍ଣୋ, ବକ୍ସମାର ସମାଜସେବୀ ବିକାଶ ପୃସେଟ, ସିରିଡ଼ର ଚିତ୍ରସେନ ବେହେରା, ଅଶୋକ ସୁନାନୀ, ଭୋଜପୁରର ସୁବ୍ରତ ପଟ୍ଟେଇ ଓ ଟୀକନ ଶର୍ମାଙ୍କ ସମେତ ଶତାଧିକ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ରହି ଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ଆବଶ୍ୟକ। ଆସନ୍ତା ସୋମବାର ମଧ୍ୟ ଆନ୍ଦୋଳନ ଜାରି ରହିବ ଏବଂ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, ସ୍ଥାନୀୟ ଲୋକଙ୍କ ବୈନନ୍ଦିନ ଯାତାୟାତ ସମସ୍ୟାକୁ ନେଇ ବିଭାଗ କେବେ ଆଲୋଚନା କରିବ ? ୨୦ କିଲୋମିଟର ପରିଧିର ଯାନବାହନକୁ ଟୋଲ୍ ଛାଡ଼ ଦେବା ଦାବି ଉପରେ କି ପଦକ୍ଷେପ ନିଆଯିବ ? ଏହାକୁ ନେର ଏବେ ତୁଟିଣ୍ଡା ଉପଖଣ୍ଡବାସୀଙ୍କ ନଜର ବିଭାଗୀୟ କର୍ତୃପକ୍ଷଙ୍କ ପରବର୍ତୀ ପଦକ୍ଷେପ ଉପରେ ରହିଛି।

ଶିଶୁ ଦିବସରେ ଗୋପାଳମାଳ ବିଦ୍ୟାଳୟକୁ ରୋଟାରୀ କ୍ଲବର ଉପହାର



ସମ୍ବଲପୁର,୧୭/୧୧(ନି/ପ୍ର): ପବିତ୍ର ଶିଶୁ ଦିବସ ଅବସରରେ ସମ୍ବଲପୁରର ଗୋପାଳମାଳସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନନ୍ଦ ଓ ଉଲ୍ଲାସର ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ବିଦ୍ୟାଳୟ ପରିସରରେ ପ୍ରାୟ ୩ ହଜାର ପୁସ୍ତକ ସମ୍ବଳିତ ଏକ ପାଠାଗାର ଉଦ୍‌ଘାଟନ କରାଯାଇଥିଲା। ନୂତନ ପାଠାଗାରରେ ବିଭିନ୍ନ ବିଷୟର ପ୍ରାୟ ୩ ହଜାର ପୁସ୍ତକ ସହ ମାସିକ ପତ୍ରିକା ଓ ଦୈନିକ ଖବରକାଗଜ ପଢ଼ିବାର ସୁବିଧା ରହିଛି। ଏହାଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସାଧାରଣ ପାଠକମାନେ ମଧ୍ୟ ଉପକୃତ ହୋଇପାରିବେ। ଏଥିସହ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀସ୍ତରୁ ପାଇଁ କ୍ଲବ ପକ୍ଷରୁ ଜାତୁଘଟା ଯୋଗାର ବିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟରର ସଭାପତି ରୋଟାରିଆନ୍ ଜିଜି ଜୋସେଫ, ପୁଳକ୍ର ଅଧକ୍ଷା ରୋଟାରିଆନ୍ ପଦିନା ନାଜ, ପୂର୍ବତନ ସଭାପତି ରୋଟାରିଆନ୍ ବିଜୟ ମଲ୍ଲିକ ଓ ରାଜୀବ ଜୈନ, ରୋଟାରିଆନ୍ ଜମିଳା ବେହେରା, ସୁମିତ ନାୟକ, ଇଶା ପାଢ଼ୀ, ପ୍ରତିଭା ବାରିକ, ଗୀତମ ଝିଂ, ଅଜୁ ଶର୍ମା, ସମୀର ପଣ୍ଡା ଏବଂ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଡାକ୍ତର ଅଶୋକ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଟେଲଙ୍କ ସମେତ ଶିକ୍ଷୟିତ୍ରୀ ସୀମା ବଡ଼େଇ, ମଞ୍ଜୁଲା ନାୟକ, ଗାୟତ୍ରୀ ବିଶ୍ୱାଳ, ଜର୍ମିମା ବେହେରା, ରଞ୍ଜିତା ଦାଶ ଓ ରସେଶ୍ୱରୀ ବଗର୍ଚି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶିଶୁ ଦିବସ ଅବସରରେ ଏଭଳି ପାଠାଗାର ପ୍ରତିଷ୍ଠା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସ ବିକାଶ, ଜ୍ଞାନ ଆହରଣ ଏବଂ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ସମାଜରେ ପୁସ୍ତକ ପଠନ ସଂସ୍କୃତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା ପ୍ରକାଶ ପାଇଛି।

ହସ୍ତଶିଳ୍ପ କାରିଗରଙ୍କୁ ଯୋଡ଼ିବା ପାଇଁ ଜେଏସଜି ସ୍ମାଇଲ ପୋର୍ଟାଲ ଉଦ୍‌ଘାଟିତ



ଝାରସୁଗୁଡ଼ା,୧୭/୧୧(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକ ସହ ସ୍ଥାନୀୟ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହସ୍ତଶିଳ୍ପ କାରିଗରଙ୍କ ସହ ଯୋଡ଼ିବା ପାଇଁ ଏହା ଏକ ଅତ୍ୟନ୍ତ ଅଭିନବ ଓ ଦୂରଦର୍ଶୀ ପ୍ରୟାସ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀ, ମହିଳା ଏସଏଚଜି ଓ ହସ୍ତଶିଳ୍ପ କାରିଗରମାନେ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ଆବଶ୍ୟକତା ଅନୁଯାୟୀ ନୂତନ ବଜାର ଓ ବ୍ୟବସାୟିକ ସୁଯୋଗ ପାଇପାରିବେ। ଝାରସୁଗୁଡ଼ା ପ୍ରଶାସନର ଏହା ଏକ ସଫଳ ମଡେଲ୍ ଭାବେ ଓଡ଼ିଶାର ପରିଗଣିତ ହେବ ବୋଲି ମୋର ବିଶ୍ୱାସ।' ମାନ୍ୟବର ବରଗଡ଼ ସାଂସଦ ପ୍ରବୀଣ ପୁରୋହିତ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଏହି ଅନନ୍ୟ ପଦକ୍ଷେପ ପାଇଁ ମୁଁ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଏବଂ ଆତ୍ମନିର୍ଭରଶୀଳତା ଓ ପୋର୍ଟାଲ ଉଦ୍ଘାଟନ। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରଗଡ଼ର ସାଂସଦ ପ୍ରବୀଣ ପୁରୋହିତ, ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚଦ୍ଦାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଅଭିନବ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, 'ଝାରସୁଗୁଡ଼ାର ସମନ୍ୱୟ, ସହଭାଗିତା ଓ ଶିଳ୍ପଗତ ସଂଯୋଗକୁ ଅଧିକ ସୁଦୃଢ଼ କରିବା ସହ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସମ୍ଭାବନା ଓ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିବ। ଅଧିକରୁ ଅଧିକ ସ୍ଥାନୀୟ ଏମଏସଏମଇ, ଏସଏଚଜି ଓ ହସ୍ତଶିଳ୍ପ କାରିଗରଙ୍କୁ ଏହି ପୋର୍ଟାଲରେ ପଞ୍ଜୀକୃତ କରାଯାଇ ଜିଲ୍ଲାରେ ନିସୃତ ଓ ଆମନିସୁକ୍ତିର ନୂତନ ଦିଗ ଉନ୍ମୋଚିତ ହେବ। ଝାରସୁଗୁଡ଼ା ଜିଲ୍ଲାର ଶିଳ୍ପ ବିକାଶ, ଉଦ୍ୟୋଗୀକରଣ ଓ ଆର୍ଥିକ ପ୍ରଗତିକୁ ନୂତନ ଗତି ପ୍ରଦାନ କରିବା ଦିଗରେ ଏହି ଅଭିନବ ପ୍ରୟାସ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।' ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚଦ୍ଦାଣ ପୋର୍ଟାଲର ଆଲିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, 'ଜିଲ୍ଲାର ବୃହତ୍ ଶିଳ୍ପ ସଂସ୍ଥା ଓ ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବା ଏବଂ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ସୁଦୃଢ଼ ଡିଜିଟାଲ ବଜାର ସୃଷ୍ଟି କରିବା ହେଉଛି 'ଜେଏସଜି ସ୍ମାଇଲ' ପୋର୍ଟାଲର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ନିରନ୍ତର ପ୍ରୟାସରେ ବିକଶିତ ଏହି ପୋର୍ଟାଲରେ ଝାରସୁଗୁଡ଼ା ଜିଲ୍ଲାର ୧୪ଟି ବୃହତ୍ ଶିଳ୍ପ ସଂସ୍ଥା ଏବଂ ୧୦୦ରୁ ଅଧିକ ଏମଏସଜି ଓ ସ୍ମାଲଇ ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇସାରିଛନ୍ତି। ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ଉଦ୍ୟୋଗୀ ଓ କାରିଗରଙ୍କୁ ଏଥିରେ ସାମିଲ କରାଯାଇ ସେମାନଙ୍କୁ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର କ୍ରୟ ଓ ଯୋଗାଣ ଶୃଙ୍ଖଳା ସହ ସିଧାସଳଖ ଯୋଡ଼ାଯିବ।' ଏହିଅବସରରେ ଜିଲ୍ଲାପାଳ ପୋର୍ଟାଲର ପ୍ରମୁଖିଗତ ବିକାଶ ପାଇଁ 'ପାରାଗାର୍ଡ ଡେକ୍ଟନୋଲୋଜିକ୍ସ' ଟିପୁ ଏବଂ ପ୍ରକଳ୍ପକୁ ପ୍ରାୟୋଜକ ଓ ସମର୍ଥନ ଯୋଗାଇଥିବା 'ବନ୍ଧନ ବ୍ୟାଙ୍କ' ଜୁବିଶେଷ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ଏକ ଐତିହାସିକ ମୁହୂର୍ତ ଭାବେ ପୋର୍ଟାଲ ମାଧ୍ୟମରେ ପ୍ରଥମ ଅନଲାଇନ୍ କ୍ରୟ ଆଦେଶ ପ୍ରଦାନ କରାଯାଇଥିଲା। ଏଥିରେ ଝାରସୁଗୁଡ଼ାର ବୃହତ୍ ଶିଳ୍ପ ସଂସ୍ଥା 'ଟିଆରଏଲ ଭ୍ରସାକି ଟିମ୍ପାକ୍ଟରିଜ ଲିମିଟେଡ୍.' କୁ ପୋର୍ଟାଲ ମାଧ୍ୟମରେ ପ୍ରଥମ ଅର୍ଡର ପ୍ରଦାନ କରାଯାଇଥିଲା। ଏହା ବୃହତ୍ ଶିଳ୍ପ ଓ ସ୍ଥାନୀୟ ଏମଏସଏମର ମଧ୍ୟରେ ପ୍ରତ୍ୟକ୍ଷ ବ୍ୟବସାୟିକ ସମ୍ପର୍କ ସ୍ଥାପନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଶେଷରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଝାରସୁଗୁଡ଼ାର ମହାପ୍ରବନ୍ଧକ ଅରିନ୍ଦମ ପ୍ରଧାନ ମଂଚ ପରିଚାଳନା ସହ ଉପସ୍ଥିତ ସମସ୍ତ ମାନ୍ୟବର ଅତିଥି, ଶିଳ୍ପ ପ୍ରତିନିଧି, ଉଦ୍ୟୋଗୀ, ଏସଏଚଜି ସଦସ୍ୟ, କାରିଗର, ପୋର୍ଟାଲ ବିକାଶକାରୀ ଟିମ୍ ଏବଂ ପ୍ରାୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପଦକ୍ଷେପ ଆତ୍ମନିର୍ଭର ଝାରସୁଗୁଡ଼ା ଗଠନରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବୃହତ୍ ଶିଳ୍ପ ସଂସ୍ଥାର ପ୍ରତିନିଧି, ଏମଏସଏମର ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହସ୍ତଶିଳ୍ପ କାରିଗରମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ଉତ୍ସବ ପରିବାର ପକ୍ଷରୁ ବ୍ୟାଙ୍କ ଅଫ୍ ବରୋଦାର ନୂଆଖାଇ ଭେଟଘାଟ

ସମ୍ବଲପୁର,୧୭/୧୧(ନି/ପ୍ର): ସମଲେଶ୍ୱରୀ ଓ ସମ୍ବଲପୁରୀ ସଂସ୍କୃତିର ପରିସର ସୁଦୂର ପ୍ରସାରୀ। ପଶ୍ଚିମ ଓଡ଼ିଶା, ଓଡ଼ିଶା, ଭାରତର ସୀମା ସରହଦ ଡେଇଁ ସାରା ବିଶ୍ୱରେ ପ୍ରସାରିତ ହେଲାଣି ବୋଲି କହିଛନ୍ତି ପଦ୍ମଶ୍ରୀ ହଜଧର ନାଗ । ବ୍ୟାଙ୍କ ଅଫ ବରୋଦାର ସମ୍ବଲପୁର ଆଂଚଳିକ କ୍ଷେତ୍ରର ଜର୍ମତାରୀ ତଥା ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଗଠିତ 'ଉତ୍ସବ ପରିବାର' ପକ୍ଷରୁ ସ୍ଥାନୀୟ ରେଳବାସ କଳ୍ୟୁନିଟୀ ହଲରେ ଆୟୋଜିତ ନୂଆଁଖାଇ ଭେଟଘାଟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦ୍ମଶ୍ରୀ ନାଗ ଏହା କହିଛନ୍ତି । ମୁଖ୍ୟବକ୍ତା ଭାବରେ ଯୋଗଦେଇ ଐତିହାସିକ ଦୀପଙ୍କର କୁମାର ପଣ୍ଡା କହିଲେ ଆମେ ଯିଏ ଯେଉଁଠି ବି ରହୁନା କାହିଁକି, ଯେଉଁ ବୃତି ରେ ରହିଲେ ସୁଦ୍ଧା ଆମର ମାଟି, ଐତିହ୍ୟ, ସଂସ୍କୃତି, ପରମ୍ପରା ସହିତ ବାନ୍ଧି ହୋଇ ରହିବା ଆବଶ୍ୟକ । ବରଗଡ ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏ ଅବସରରେ ସମ୍ବଲପୁରୀ ନୃତ୍ୟ ଗୀତର ଜାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବ୍ୟାଙ୍କ ଅଫ ବରୋଦା ମ୍ୟାନ ଟ୍ରାଂଚର ମୁଖ୍ୟ ସଂଗ୍ରାମ ବେହେରା, ଧନୁପାଲି ଶାଖାର ମୁଖ୍ୟ ଜ୍ୟୋତ୍ସାମୟୀ ସାହୁ, କ୍ଷେତରାଜପୁର ଶାଖାର ମୁଖ୍ୟ ଆକାଶ ପାଣିଗ୍ରାହୀ, ଅଣ୍ଡାପାଲି ଶାଖା ମୁଖ୍ୟ ମୋତିଲାଲ ପଣ୍ଡା ପ୍ରମୁଖ ଙ୍କଯୋଜନା କରିଥିଲେ ।

ଝାରବନ୍ଧରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା :୨ ଯୁବକ ମୃତ, ୧ ଆହତ



ବରଗଡ଼,୧୭/୧୧(ନି/ପ୍ର): ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ଅନ୍ତର୍ଗତ ଡଲା-ହରିଡ଼ା ଟାଇ ରାସ୍ତାରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ବଣ୍ଡାମୁଣ୍ଡା ଗ୍ରାମର ଛବିଲ ବରିହା (୨୭) ଏବଂ ଗଣ୍ଡପଡ଼ା ଗ୍ରାମର ଶିବ ପ୍ରକାଶ ନାୟକ (୧୯) ରହିଛନ୍ତି। ସୂଚନା ଅନୁଯାୟୀ, ଶିବ ପ୍ରକାଶ ବାଇକ୍ ଚଲାଉଥିଲେ। ଦୁର୍ଘଟଣାରେ ଆଉ ଜଣେ ଆହତ ହୋଇଥିବାବେଳେ ତାଙ୍କ ପରିଚୟ ଜଣାପଡ଼ିନାହିଁ। ଦୁର୍ଘଟଣାଟି ଜେଜଁ ପରିସ୍ଥିତିରେ ଓ କିପରି ଘଟିଲା, ସେନେଇ ସ୍ପଷ୍ଟ ତଥ୍ୟ ମିଳିନାହିଁ। ଝାରବନ୍ଧ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ସୂଚନା ରହିଛି।

କଥାଦେଇ କଥା ରଖିଲେ ସରପଂଚ :

ମାସିକ ଭତା ଟଙ୍କାରୁ ଜଲେ ବିଦ୍ୟୁତ ସଂଯୋଗ



ସୋର,୧୭/୧୧(ନି/ପ୍ର): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ପଚାରଯତର ପଦାନପଡା ଗ୍ରାମର ଗୋଟିଏ ସାହିକୁ ବିଦ୍ୟୁତ ସଂଯୋଗ ହୋଇନଥିଲା । ଫଳରେ ୨୦ରୁ ଅଧିକ ପରିବାର ଅନ୍ଧାରରେ ଜୀବନ ଅତିବାହିତ କରୁଥିଲେ। ବିଭିନ୍ନ ଅଧିକାରୀ ଓ ରାଜନେତାଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିଲା । ହେଲେ ଏବେକାର ସରପଂଚ ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ ସଂଯୋଗର ବ୍ୟବସ୍ଥା କରି ସେମାନଙ୍କୁ ଆଲୋକ ଦେଖାଇଛନ୍ତି । ତାଲେଶ୍ୱର ଜିଲ୍ଲା ସୋର ବ୍ଲକ ତଳନଗର ପଂଚାୟତର ସରପଂଚ ନିଜର ମାସିକ ଭତା ଟଙ୍କାରୁ ଗୋଟିଏ ଗାଁର ୨୦ ପରିବାରକୁ ବିଦ୍ୟୁତ ସଂଯୋଗ କରାଇଛନ୍ତି । ସରପଂଚ ଗୀତାରାଣୀ ବାଶଙ୍କ ଜହିଦା ଅନୁସାରେ; ଗତ ପଂଚାୟତ ନିର୍ବାଚନ ସମୟରେ ସେ ଗାଁର ଲୋକମାନଙ୍କୁ ବିଦ୍ୟୁତ ସଂଯୋଗ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିଜର ପୂର୍ବ ପ୍ରତିଶ୍ରୁତିକୁ ରକ୍ଷା କରି ନିଜ ମାସିକ ଭତା ଟଙ୍କାରୁ ୧ ଲକ୍ଷ ୨୮ ହଜାର ଟଙ୍କା ଖର୍ଚ୍ଚ କରି ୧୬ ଟି ବିଦ୍ୟୁତ ଖୁଣ୍ଟି ପକାର ବିଦ୍ୟୁତ ସଂଯୋଗ କରାଇଥିବା ଜଣାପଡିଛି।

ପୂର୍ବ ଶତ୍ରୁତାରୁ ପଡ଼ୋଶୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

ଝାରସୁଗୁଡ଼ା,୧୭/୧୧(ନି/ପ୍ର): ଝାରସୁଗୁଡ଼ା ସବର ଥାନା ଅନ୍ତର୍ଗତ ମାଲିଗୁଡ଼ି ଗ୍ରାମରେ ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ଜଣେ ଦଂଷଡିଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଛି। ଏଥିରେ ସ୍ୱାମୀ ଗୁରୁତର ଆହତ ହୋଇଥିବାବେଳେ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି । ଘଟଣାରେ ସମ୍ପୃକ୍ତ ପଡ଼ୋଶୀ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସବର ଥାନା ପୁଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ମାଲଭିଗୁଡ଼ି ଗ୍ରାମର ଶିଶିର ଚନ୍ଦ୍ରଜେନା (୫୦) ରବିବାର ନିଜ ଘରୁ କାର୍ଯ୍ୟସ୍ଥଳକୁ ଯିବା ପା



ସୁନ୍ଦରଗଡରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ସୁନ୍ଦରଗଡ଼,୧୭/୧୧(ନି/ପ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସଦଭାବନା ଭବନଠାରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଜାତୀୟ ପ୍ରେସ ଦିବସର ଚଳିତ ବର୍ଷର ବିଷୟ ଥିଲା - "ସାମ୍ବାଦିକତା : ଲୋକପ୍ରିୟତା ବନାମ କର୍ତବ୍ୟବୋଧ" । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ପ୍ରେସ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ଏମ ଡି ସବୀର , ବରିଷ୍ଠ ସାମ୍ବାଦିକ ଶ୍ରୀ ଦେବବ୍ରତ ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଧ୍ୟାପିକା ଶ୍ରୀମତୀ ସୁସ୍ମିତା ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମ୍ବାଦିକତା ଓ ବିଭିନ୍ନ ସମସ୍ୟା ଗୁଡ଼ିକୁ ସାମ୍ବାଦିକଙ୍କ ଉପରେ ଆଲୋଚନା କରିଥିଲେ । ସେହିଭଳି ପ୍ରେସ୍ କ୍ଲବ୍ ର ଉପ୍ରନି, ସମ୍ବାଦପତ୍ରର ଇତିହାସ ଉପରେ ଆଲୋଚନା କରିବା ସହିତ ଶ୍ରୀ ଦେବବ୍ରତ ଜେନା ଅତିଥି ଭାବେ ସମାଜ ପ୍ରତି ସମ୍ବାଦପତ୍ର ତଥା ସାମ୍ବାଦିକମାନଙ୍କ ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ବାଦପତ୍ର ମାଧ୍ୟମରେ ସମାଜର ଲୋକଙ୍କର ସ୍ୱର' ବୋଲି ପ୍ରକାଶ କରିଥିଲେ। ଏହା ସହିତ ପ୍ରେସ୍ ଲୋକଲୋଚନ କୁ ଆଣିବା ତଥା ସେହି ସମସ୍ୟା ଗୁଡ଼ିକର ସମାଧାନ ବିଷୟରେ ପ୍ରତିଚ୍ଛା କରିବା ଉପରେ ମଧ୍ୟ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଶ୍ରୀ ସବିର ଓ ଶ୍ରୀ ଜେନା ସାମ୍ବାଦିକତା ଉପରେ ନିଜ ନିଜର ଅଭିଜ୍ଞତା ବାଣ୍ଟିବା ସହିତ କ୍ଷେତ୍ର ସ୍ତରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋକପାତ କରିବା ସହିତ ତାହାର ତୁରାକରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ନିଜ ଅଭିଜ୍ଞତାଗୁଡିକ ମାଧ୍ୟମରେ 'ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ଏବଂ ସମାଜର ଲୋକଙ୍କର ସ୍ୱର' ବୋଲି ସ୍ୱାଧୀନତା ଉପରେ ମଧ୍ୟ ଆଲୋଚନା କରି କହିଥିଲେ ଯେ, ପ୍ରେସ ସ୍ୱାଧୀନତା ଦ୍ୱାରା ଜନସାଧାରଣଙ୍କୁ ସତ୍ୟ, ନିରପେକ୍ଷ , ନିର୍ଭୁଲ ସୂଚନା ପ୍ରଦାନ କରିବାରେ ସହାୟକ ହୋଇଥାଏ । ପରେ ପରେ ସାମ୍ବାଦିକ ମାନଙ୍କ ମଧ୍ୟରେ ଏକ ଖୋଲା ଆଲୋଚନା ମଧ୍ୟ ହୋଇଥିଲା , ଏଥିରେ ସାମ୍ବାଦିକ ମାନେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜାତୀୟ ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ତଥା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

ଯାତ୍ରୀବାହୀ ବସ୍‌ରେ ନିଆଁ, ଯାତ୍ରୀ ସୁରକ୍ଷିତ



ରାଉରକେଲା,୧୭/୧୧(ନି/ପ): ସୁନ୍ଦରଗଡ଼ରୁ ରାଉରକେଲା ଆସୁଥିବା ଘରୋଇ ଯାତ୍ରୀବାହୀ ବସ୍ 'ଖୁସବୁ' ଓଡି ୧୪ ଏଜେ - ୭୩୨୯) ବସ୍‌ଷ୍ଟାଣ୍ଡରେ ପହଂଚିବା ପୂର୍ବରୁ ହନୁମାନବାଟିକା ଛକରେ ଜଳିଯାଇଛି । ଭିତରେ ବସିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇ ଆସିବାରୁ ବଡ଼ିଯାଇଛନ୍ତି ।ହେଲେ ଯାତ୍ରୀଙ୍କ ସମସ୍ତ ଜନିଷପତ୍ର ଜଳିପୋଡି ପାଉଁଶ ହୋଇଯାଇଛି । ଦୁଇଟି ଦମକଲଗାଡ଼ି ପହଂଚି ନିଆଁକୁ କାବୁ କରିବା ପୂର୍ବରୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଉଦିତନଗର ପୁଲିସ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପ୍ରାଥମିକ ଅନୁସନ୍ଧାନରେ, ସତ୍‌ସଙ୍ଗିତରୁ ଇଞ୍ଜିନ୍‌ରୁ ନିଆଁ ଲାଗିଥିବା କୁହାଯାଉଛି । ମିଳିଥିବା ସୂଚନା ମୁତାବକ, ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଘରୋଇ ଯାତ୍ରୀବାହୀ ବସଟି ସୁନ୍ଦରଗଡ଼ରୁ ଯାତ୍ରୀଙ୍କୁ ନେଇ ରାଉରକେଲା ବାହାରିଥିଲା । ରାତି ପ୍ରାୟ ସାଢ଼େ ୭ଟାରେ ହନୁମାନବାଟିକା ଛକରେ ଟ୍ରାଫିକ୍ ସିଗ୍‌ନାଲ୍ ଥିବାରୁ ବସ୍‌ଟି ଅଟକିଥିଲା । ପରେ ବସ୍‌ପଡ଼ିବା ପରେ ହଠାତ୍ ବସ ହୋଇଯାଇଥିଲା । ଷ୍ଟାର୍ଟ ନ ହେବାରୁ ଜିଛି ଯାତ୍ରୀ, ଜଣ୍ଡକର, ହେଲ୍ପର ବସ୍‌ଟିକୁ ଠେଲୁଥିବାବେଳେ ହଠାତ୍‌ରୁ ଇଞ୍ଜିନ୍‌ରୁ ଧୂଆଁବାହାରିଥିଲା । ତାହୁଁତାହୁଁ ବସ୍‌ଟି ଜଳିବାକୁ ଲାଗିଥିଲା । ବସ୍ ଭିତରେ ବସିଥିବା ପ୍ରାୟ ୮ରୁ ୧୦ ଯାତ୍ରୀ ବାହାରକୁ ଦୌଡି ପଳାଇଥାସିଥିଲେ। ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଂଚିବା ପୂର୍ବରୁ ବସ୍‌ଟି ଜଳିଯାଇଥିଲା।

ମିଶନ ଶକ୍ତିରୁ ସୁଭଦ୍ରା ଶକ୍ତି ବ୍ରାଣ୍ଡ୍ :

୩ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳିଲା ୨୪୭ କୋଟି ଟଙ୍କାର ସୁଧ ଫେରସ୍ତ ସହାୟତା



ଭୁବନେଶ୍ୱର,୧୭/୧୧: ଆଜି (ମଙ୍ଗଳବାର) ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ୩,୨୬,୩୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୪୭.୩୪ କୋଟି ଟଙ୍କାର ସୁଧ ଫେରସ୍ତ ସହାୟତା ପ୍ରଦାନ କରାଯାଇଛି। ଏଥିସହ ୨୭ଟି ଜିଲ୍ଲାର ୮,୯୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪.୦୩ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୨୨ଟି ଜିଲ୍ଲାର ୨୦୪ଟି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୬୦.୪୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୧୦ଟି ଜିଲ୍ଲାର ୩୭୬ଟି ଆଚଂଳିକ ମଂଚକୁ ୫.୩୭ କୋଟି ଟଙ୍କାର ନିବାପରା ପାଣ୍ଠି ପ୍ରଦାନ କରାଯାଇଛି। ଅନୁରୂପ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ କହିଥିଲେ, ଏହି ଆର୍ଥିକ ସହାୟତା ମହିଳାମାନଙ୍କ ଉଦ୍ୟୋଗ ଓ ଜୀବିକାଭିତ୍ତିକ କାର୍ଯ୍ୟକଳାପର ପଖ୍ତିସାରଣରେ ସହାୟକ ହେବ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୨୦,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ, ସୁଭଦ୍ରା ଶକ୍ତି ବଜାରର ଏକ ନୂତନ ଉତ୍ପାଦ ବ୍ୟାଟାଲଗ୍ ଉତ୍ସୋଚନ ହୋଇଥିଲା। ଓଡ଼ିଶା ଜୀବିକା ମିଶନ ଓ ଦିନଲ୍‌ଲାଇଫ୍‌ଲିଭ୍ ଫାଉଣ୍ଡେସନ୍ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି।

ବାବା ଜଳାରାମଙ୍କ ଜୟନ୍ତୀ ଧୂମଧାମରେ ପାଳିତ

ରାଉରକେଲା,୧୭/୧୧(ନି/ପ): ରାଉରକେଲାର ବିର୍ତା ଡହର ଗୋଢ଼ ସ୍ଥିତ ଶ୍ରୀ ଜହ୍ନ ଗୁର୍ଜର କ୍ଷେତ୍ରୀୟ ସମାଜ ପକ୍ଷରୁ ବାବା ଜଳାରାମଙ୍କ ଜୟନ୍ତୀ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟା ୭ଟାରୁ ବାବା ଜଳାରାମଙ୍କ ବରଘରାରୁ ଫୁଲ ଏବଂ ଉଜ୍ଜୀନ ଆଲୋଡମାଳାରେ ସୁସଜ୍ଜିତ ଜରାଯାଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭଜନ ଗାୟିକା ବୈଶାଳୀ ଶର୍ମାଙ୍କ ଦ୍ୱାରା ସୁମଧୁର ଭଜନ ପରିବେଷଣ କରାଯାଇଥିଲା, ଯାହାକି ଭକ୍ତମାନଙ୍କୁ ବିମୋହିତ କରିଥିଲା । ଭଜନ ପରେ ଏକ ବିଶାଳ ଭଣ୍ଡାରାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀ ଜହ୍ନ ଗୁର୍ଜର କ୍ଷେତ୍ରୀୟ ସମାଜର ବିଶୋର ଭାଇ ଟାଙ୍କ, ଜ୍ୟୋତିଷ ଭାଇ ଯୋଷୀ, ଭୂପେଶ ଭାଇ ଯୋଷୀ, ବିନେଶ ଭାଇ ପରମାର, ଭରତ ଭାଇ ଗାଠୋଡ଼, ତରୁଣ ଚୌହାନ, ରାକୁ ଭାଇ ଯୋଷୀ, ଭାବେଶ ଭାଇ ପଟେଲ ପ୍ରମୁଖ ଅନ୍ୟ ସଦସ୍ୟମାନଙ୍କର ସକ୍ରିୟ ଅବଦାନ ରହିଥିଲା । ଏହି ଉତ୍ସବରେ ପ୍ରଚୁର ସଂଖ୍ୟାରେ ଭକ୍ତମାନେ ଯୋଗଦେଇଥିଲେ।

ବେଆଇନ ଗୋରୁ ଚାଲାଣ ବିରୋଧରେ ବଡ଼ ଧରଣର ପୋଲିସ କାର୍ଯ୍ୟାନୁଷ୍ଠାନ



ରାଉରକେଲା,୧୭/୧୧(ନି/ପ): ବିମଳାଡଙ୍ଗ ଏଣ୍ଟି ଗେଟ୍ ନିକଟରେ ବେଆଇନ ଗୋରୁ ଚାଲାଣ ସମ୍ପର୍କିତ ଅଭିଯୋଗ ଆଧାରରେ ବେ. ବଲାଙ୍ଗ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧ଟି ଗୋରୁ ଉଦ୍ଧାର କରିଛି । ଗୋରୁମାନଙ୍କ ସତ୍ୱର ସୁରକ୍ଷା ନିମନ୍ତେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ଚୋରା ଗୋରୁ ଏଂଗ୍ରୁଟ, ପରିବହନ ଓ ବିକ୍ରି ସ୍ଥାନକୁ ହଡ୍ୟା ଉଦ୍ଦେଶ୍ୟରେ ଯୋଗାଣ କରୁଥିବା ଏକ ଏଂସଠିତ ନେଟୱର୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଇଛି । ଏହି ନେଟୱର୍କ ସୁଦୂରଗଡ଼ ଓ ଛତ୍ତିଶଗଡ଼ ଜିଲ୍ଲାରେ ସକ୍ରିୟ ଥିବା ତଦନ୍ତରୁ ସୂଚନା ମିଳିଛି । ଏଥିରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଚିହ୍ନଟ କରିବା ଏବଂ ସମଗ୍ର ନେଟୱର୍କର ପର୍ଦାଫାସ କରିବା ପାଇଁ ତଦନ୍ତ ଜାରି ରହିଛି । ରାଉରକେଲା ପୋଲିସ ବେଆଇନ କାର୍ଯ୍ୟକଳାପ ରୋକିବା ସହ ପଶୁମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ ।

ଜିଲ୍ଲାର ୧୨୬୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା

ଖୋର୍ଦ୍ଧା,୧୭/୧୧(ନି/ପ): ଜିଲ୍ଲାର ୧୮୫ ପଂଚାୟତର ୧୨୬୧ ରାଜସ୍ୱ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଜିଲ୍ଲା ପ୍ରଶାସନ ଦ୍ୱାରା ଗତକାଲି ଘୋଷଣା କରାଯାଇଛି । ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ ମଙ୍ଗଳ ସଂଗଠନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ବାଲ୍ୟ ବିବାହ ମୁକ୍ତ ଭରତ ଅଭିଯାନରେ ୧୨୬୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେରାଇ କହିଲେ ଯେ ଏକ ଘରୋଇ ସାମାଜିକ ଅନୁଷ୍ଠାନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମ ୨୨୬୧ ଗ୍ରାମ ପଂଚାୟତର ସମସ୍ତ କର୍ମୀ ପ୍ରାୟ ୨ ବର୍ଷକାଳ ଅକ୍ଲାନ୍ତ ପରିଶ୍ରମ କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି । ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ନିତି ନିର୍ଦ୍ଦେଶ ଅନୁଯାୟୀ ଏହି ଗ୍ରାମଗୁଡ଼ିକରେ ୬ ରୁ ୧୪ ବର୍ଷର ସମସ୍ତ ଶିଶୁ ସ୍କୁଲକୁ ଯାଉଛନ୍ତି, ୧୧ ରୁ ୧୯ ବର୍ଷର ସମସ୍ତ କିଶୋର କିଶୋରୀ ଅଙ୍ଗନୱାଡ଼ି ଓ ଅଦ୍ୱିତୀୟ କାର୍ଯ୍ୟକ୍ରମରେ ପଞ୍ଜୀକୃତ ହୋଇଥିବା ବେଳେ ଗତ ଜାନୟାରୀ ୨୦୨୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ବାଲ୍ୟ ବିବାହ ହୋଇନାହିଁ। ତେଣୁ ଭାରତ ସରକାରଙ୍କ ନିର୍ଦ୍ଦେଶ ନାମା ଅନୁସାରେ ଗତ ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ ଗ୍ରାମ ସଭାଗୁଡିକରେ ବିଧି ବଧ ଭାବେ ରିଯୋଲୁସନ୍ ଜରାଯାଇ ଏହି ଘୋଷଣା କରାଯାଇଛି ।ଅନ୍ୟତମ ଅତିଥି ଭାବେ ଜଷ୍ଟ ଲାଇଟ୍ ଫର୍ ଚିଲ୍ଡ୍ରେନ ଷ୍ଟାର୍ଟ୍ ନୂଆଦିଲ୍ଲୀର ଜାତୀୟ ସଚିବ ଓମ୍ ପ୍ରକାଶ ପାଲ ରହିଲେ ବିଶ୍ୱକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ହେଲେ ସମାଜର ସମସ୍ତ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କର ଜାଗିବାରିତା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ନଭେମ୍ବର ୨୨ ତାରିଖକୁ ଆର୍ନ୍ତଜାତୀୟ ବାଲ୍ୟ ବିବାହ ନିରୋଧ ଦିବସ ଭାବେ ପାଳନ କରିବାକୁ ମିଳିତ ଜାତିସଂଘର ପ୍ରୟାସ ପାଇଁ ସେ ଜଷ୍ଟ ଲାଇଟ୍ ଫର୍ ଚିଲ୍ଡ୍ରେନର ପ୍ରତିଷ୍ଠାତା ଭୁତ୍ତନ ରିଜୁ ଓ ଭାରତ ସରକାରଙ୍କ ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସଙ୍କାନିତ ଅତିଥି ଭାବେ ଯୋଗଦେଇ ରୁଚିକା ସମାଜ ମଙ୍ଗଳ ସଂଗଠନ ର ସମ୍ପାଦକ ଉଷା ଶଙ୍କର ଷଡ଼ଙ୍ଗୀ କହିଲେ ବାଲ୍ୟ ବିବାହ ଏକ ସାମାଜିକ ଅପରାଧ । ରୁଚିବାବା ସମାଜ ରେ ଜନ୍ମ। ଉନ୍ନ ମାନଙ୍କୁ ଏକ ଶୃଙ୍ଖଳା ମଧ୍ୟରେ ବଢା କରି ସେମାନଙ୍କ ଶିକ୍ଷା ଓ ଅଧିକାରକୁ ସେମାନଙ୍କ ଠାରୁ ଏହା ଦ୍ୱାରା ବଳ ପୂର୍ବକ ଛଡ଼ାଇ ନିଆଯାଉଛି। ତେଣୁ ବେଳକ ଜନ ସଚେତନତା ନୁହେଁ ଆଇନ ଗତ କଠୋର କାର୍ଯ୍ୟାନୁଷ୍ଠାନ ଓ ପ୍ରଗତିଶୀଳ ନାରୀ ଶିକ୍ଷା ଏହାକୁ ରୋକିପାରିବ। ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ୬ ଅନୁସାରେ ଓଡ଼ିଶାରେ ୧୮.୬ % ଓ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ଶତକଡା ୧୪% ରୁ ଅଧିକ ପିଲା ବାଲ୍ୟ ବିବାହ କରୁଛନ୍ତି । ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ସହ ମିଶି ଆମେ ୨୦୩୦ ମସିହା ସୁଧା ଜଷ୍ଟ ରାଇଟ୍ ଫର୍ ଚିଲ୍ଡ୍ରେନ ସହାୟତା ରେ ଶୂନ୍ୟ କରିପାରିବୁ ବୋଲି ଘରୋଇ ସାମାଜିକ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ଦୃଢ଼ତା ପ୍ରକାଶ କରିଛନ୍ତି । ବାଲ୍ୟ ବିବାହ ଜଳି ଏକ ସାମାଜିକ ଅପରାଧକୁ କୌଣସି ପ୍ରକାରେ ବାରବନ୍ଦ କରାଯାଇପାରିବ ନାହିଁ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୁସୁମ ପ୍ରହରାଜ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୁରକ୍ଷା ଅଧିକାରୀ ସୌତାମିନ ବାସ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ପ୍ରାୟ ୨୦୦ ରୁ ଅଧିକ ସରପଂଚ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଲ୍ୟ ବିବାହ ନିରୋଧ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଶେଷରେ ଆର୍ନ୍ତଜାତୀୟ ବାଲ୍ୟ ବିବାହ ନିରୋଧ ଦିବସ ଉପଲକ୍ଷେ ଏକ ୧୦୦ ଦିନିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା ।

ବ୍ରହ୍ମବରଦାରେ ଜାତୀୟ ସାମ୍ବାଦିକ ଦିବସ ପାଳିତ

ଧର୍ମଶାଳା,୧୭/୧୧(ନି/ପ): ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ଏହା ଜନସାଧାରଣଙ୍କ ସ୍ୱରକୁ ଶାଣିତ କରିବା ସହ ସମାଜ ପ୍ରତି ଏକ ନୈତିକ ଦାୟିତ୍ୱ ଜାତୀୟ ପ୍ରେସ ଦିବସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ନରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଜାତୀୟ ସାମ୍ବାଦିକ ଦିବସ ପାଳନ ଅବସରରେ ସାମ୍ବାଦିକମାନେ ଖବର ପରିବେଷଣ ସମୟରେ ବୃତ୍ତୀୟ ନୟନ ବ୍ୟବହାର କରି ଖବର ପ୍ରସାରଣ କରିବା ଓ ନିଜ ବିବେକ ଓ ବୁଦ୍ଧି ଲଗାଇ ଖବର ପ୍ରସାରଣ କରିବା ଯାହାକି ସମାଜ ଉପରେ କେତେ ପ୍ରଭାବ ପକିବ ତାହା ପ୍ରତି ଯତ୍ନବାନ ହେବ ଉଚିତ ବୋଲି ଅଧିବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରମୋଦ ପତି ଫାଉଣ୍ଡେସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଦିବସରେ ଅନୁଷ୍ଠାନର ସାଧାରଣ ସଂପାଦକ ଅମିୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ରାଜ୍ୟ ସାମ୍ବାଦିକ ସଭାପତି (ଏସ୍ୟୁଜେ) ଅଥା ପ୍ରଗତିବାଦୀ' ଖବରକାଗଜର ଜିଲା ପ୍ରତିନିଧି ବେଦାଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ବାଦ ଖବରକାଗଜର ଜିଲା ପ୍ରତିନିଧି ମନୋଜ ରାଉତ,ପୂର୍ବତ୍ତରା ଜିଲା ପ୍ରତିନିଧି ଶତ୍ରୁଘ୍ନ ଚନ୍ଦ୍ର ସୋଥାନ,ସମାଜର ଜିଲା ପ୍ରତିନିଧି ରଙ୍ଗଚରୁଲ ସାହୁ, ସକାଳର ଜିଲା ପ୍ରତିନିଧି ସନ୍ଦୀପ ରାୟ,ନିର୍ଭୟ ସୂଚନାର ଜିଲା ପ୍ରତିନିଧି ଶୁଭକାନ୍ତ ନାୟକ, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେବ, ସାମାଜିକ କର୍ମୀ ମଂଗୁ ବାସ ଓ ଫାଉଣ୍ଡେସନ୍ର ସଚିବ ବିଦ୍ୟୁତ୍ପ୍ରଭା ପତି ପ୍ରମାନାଦ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକତା ଏକ ବୃତି ନା ଜନସେବାର ନୈତିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ

କାଳୀପୂଜା ଦେଖିବାକୁ ଯାଇଥିବା ପରିବାର ଘରେ କଳାକନା ଚୁଲାଇଲେ ଦୁର୍ବୃତ

ଭଦ୍ରକ,୧୭/୧୧(ନି/ପ): ଭଦ୍ରକ ସହର ଓ ଏହାର ଆଖପାଖ ଅଂଚଳରେ ଚୋରି ଓ ଲୁଟ୍‌ପାଟ୍ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଭୟ ଓ ଆତଙ୍କ ବଢ଼ିବାରେ ଲାଗିଛି । ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତମାନେ ଏକ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୂପା ଅଳଙ୍କାର ସମେତ ନଗଦ ୪୮ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଚୋରିର ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଘରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡଡିସ୍କକୁ ମଧ୍ୟ ଲୁଟେରାମାନେ ନେଇଯାଇଛନ୍ତି । ଏହି ଘଟଣା ଭଦ୍ରକ